ପୃଷ୍ଠା-୮+୮

ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଅକ୍ଟୋବର ୧୨/୨୦୨୧ (୮+୮= ୧୬ ପୃଷ୍ଠା) Sambalpur, Tuesday, October 12/2021

# ୨ ହାତୀଦାନ୍ତ ଜବତ: ଜଣେ ଗିରଫ



ଦେବଗଡ଼,୧୧।୧୦(ଡି.ଏନ୍.ଏ.)

ହାତୀଦାନ୍ତ ବେଆଇନ ଭାବେ ବିକ୍ରି ଉଦ୍ୟମ ବେଳେ ଦେବଗଡ଼ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ହାତରେ ଧରା ପଡିଛନ୍ତି ଜଣେ ଯୁବକ। ସେ ହେଲେ ସମ୍ବଲପୁର ଜିଲା ଶାସନ ଥାନା ଅଞ୍ଚଳ ରାଣୀଖିଣ୍ଡା ଗ୍ରାମର ସୁନୀଲ ପୋଢ଼ (୨୬)। ପୋଲିସ ତାଙ୍କ ନିକଟରୁ ଦୁଇଟି ହାତୀଦାନ୍ତ ଜବତ କରିଥିବା ନେଇ ଦେବଗଡ଼ ଏସ୍‌ପି ରାଜକିଶୋର ପାଇକରାୟ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦେବଗଡ଼ ଥାନା ଅନ୍ତର୍ଗତ ପ୍ରଭାସୁଣୀ ଗ୍ରାମକୁ ହାତୀଦାନ୍ତ ବିକ୍ରି ପାଇଁ ଆସିଥିବା ଖବରପାଇ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଗ୍ରାହକ ହୋଇ ସେଠାରେ ପହଞ୍ଚିଥିଲା। ସବ୍‌ଇନ୍ସପେକ୍ଟର ବୁଧରାୟ ମାଝି ଗ୍ରାହକ ବେଶରେ ପହଞ୍ଚି ପନ୍ଦର ଲକ୍ଷ ଟଙ୍କାରେ ମୂଲଚାଲ କରିଥିଲେ। ଏହି ସମୟରେ ଜିଲା ସ୍କ୍ୱାଡ୍‌ର ମୁଖ୍ୟ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଟିମ୍ ଚଢାଉ କରିଥିଲା। ଅଭିଯୁକ୍ତ ଫେରାର୍ ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ କାବୁ କରିବା ସହ ତାଙ୍କଠାରୁ ଦୁଇଟି ହାତୀଦାନ୍ତ ଜବତ କରିଥିଲା। ଏହାର ଓଜନ ପ୍ରାୟ ଅଢେଇ କେଜିରୁ ଅଧିକ ହେବ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଦାନ୍ତ କେଉଁଠୁ ଆସିଛି ଏବଂ ଏଥିରେ କିଏ ସମ୍ପୃକ୍ତ ଅଛନ୍ତି, ସେ ନେଇ ତଦନ୍ତ କରିବା ସହିତ ଜଙ୍ଗଲ ବିଭାଗର ସହଯୋଗ ନିଆଯାଉଥିବା ଏସ୍‌ପି ପାଇକରାୟ ସୂଚନା ଦେଇଛନ୍ତି।

# ରାଇସୁଆଁ, ଟଣ୍ଟୋ ଏୟାରଷ୍ଟ୍ରିପ୍‌କୁ ଅଣଦେଖା

ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝର,୧୧।୧୦

ଖଣିଖାଦାନ ସମୃଦ୍ଧ କେନ୍ଦୁଝର ଜିଲାରେ ଥିବା ବହୁ ପୁରୁଣା ଦୁଇ ଏୟାରଷ୍ଟ୍ରିପ୍ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ହୋଇରହିଛି। କେନ୍ଦ୍ର ସରକାର ଉଡାନ ଯୋଜନାରେ ରାଜ୍ୟର ବିଭିନ୍ନ ଏୟାରଷ୍ଟ୍ରିପ୍‌ର ବିକାଶ ଓ ସମ୍ପ୍ରସାରଣ କରୁଥିବା ବେଳେ ଏହି ଜିଲାର ଏୟାରଷ୍ଟ୍ରିପ୍‌କୁ ଅଣଦେଖା କରାଯାଇଛି। ଖଣିଖାଦାନ ଲାଗି ବିଶ୍ୱରେ ପରିଚିତି ଲାଭ କରିଥିବା କେନ୍ଦୁଝର ଜିଲାକୁ ବହୁ କମ୍ପାନୀ ପ୍ରତିନିଧି ଯାତାୟାତ କରୁଥିବାରୁ ଏୟାରଷ୍ଟ୍ରିପ୍‌ର ବିକାଶ ସହ ସମ୍ପ୍ରସାରଣର ଆବଶ୍ୟକତା ରହିଛି। ଫଳରେ ସବୁସ୍ତରର ଲୋକମାନେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନକୁ ସୁବିଧାରେ ଯିବା ଆସିବା କରିପାରନ୍ତେ। ଏହାସହ ସରକାର ମଧ୍ୟ ଲାଭବାନ ହୋଇପାରନ୍ତେ।



ଯୋଡ଼ା ବ୍ଲକ୍‌ସ୍ଥିତ ଟଣ୍ଟୋ ଏୟାରଷ୍ଟ୍ରିପ୍।

ରାଜାରାଜୁଡା ଅମଳରୁ ସଦର ବ୍ଲକ ରାଇସୁଆଁଠାରେ ଏନ୍‌ଏଚ୍ ୨୦ ପାର୍ଶ୍ୱରେ ଏକ ଏୟାରଷ୍ଟ୍ରିପ୍ ରହିଥିବା ବେଳେ ଅନ୍ୟଟି ଯୋଡ଼ା ବ୍ଲକର ଟଣ୍ଟୋଠାରେ ଏନ୍‌ଏଚ୍ ୭୨୦ ପାର୍ଶ୍ୱରେ ରହିଛି। ବହୁ ଉଚ୍ଚମାନର ଲୁହା ଓ ଅନ୍ୟାନ୍ୟ ଖଣିଜପଥର ରହିଥିବାରୁ ଏହି ଜିଲା ଉପରେ ଦେଶ ଓ ବିଦେଶର ଖଣି ସଂସ୍ଥାଙ୍କ ନଜର ରହିଛି। ଏଣୁ ଯାତାୟାତର ସୁବିଧା ପାଇଁ ଏୟାରଷ୍ଟ୍ରିପ୍‌ର ଆବଶ୍ୟକତା ଅଧିକ ରହିଛି। ସଡ଼କପଥରେ ବହୁ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ ଯୋଗୁ ଯାତାୟାତ ଅସୁରକ୍ଷିତ ହୋଇପଡ଼ିଛି। ଏଭଳି ସ୍ଥିତିରେ ଏୟାରଷ୍ଟ୍ରିପ୍ ଅନେକଙ୍କ ପାଇଁ ଆପାତକାଳୀନ ସମୟରେ ସୁବିଧାଜନକ ହୋଇପାରିବ।

ବେସାମରିକ ବିମାନ ଚଳାଚଳ ବିଭାଗ ଅଧୀନରେ ଥିବା ରାଇସୁଆଁ ଏୟାରଷ୍ଟ୍ରିପ୍ ପ୍ରାୟ ୩୮ ଏକର ଜମିରେ ନିର୍ମାଣ କରାଯାଇଛି। ଏଥିରେ ପ୍ରାୟ ୯୨୦ମିଟର ଲମ୍ବ ଓ ୩୦ ମିଟର ଓସାରର ରନ୍‌ୱେ ରହିଛି। ବିଭିନ୍ନ ସମୟରେ ଖଣି କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀ ତଥା ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀ, ମନ୍ତ୍ରୀ ଓ ଅନ୍ୟାନ୍ୟ ଭିଆଇପିମାନେ ଏଠାରେ ଅବତରଣ କରିଥାନ୍ତି। ଏହାର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗ କରୁଛି। ସେହିପରି ଟଣ୍ଟୋ ଏୟାରଷ୍ଟ୍ରିପ୍‌ର ରକ୍ଷଣାବେକ୍ଷଣ ଘରୋଇ ଖଣି କମ୍ପାନୀକୁ ଦିଆଯାଇଛି। ଏହି ଏୟାରଷ୍ଟ୍ରିପ୍ ଲମ୍ବ ୧୧୧୨ ମିଟର, ପ୍ରସ୍ଥ ୮୦ ମିଟର। ରନ୍‌ୱେର ଲମ୍ବ ୧୦୬୩ ମିଟର।

ଖଣି ଅଞ୍ଚଳରୁ ଭୁବନେଶ୍ୱରର ଦୂରତ୍ୱ ପାଖାପାଖି ୩୦୦ କି.ମି. ଓ କେନ୍ଦୁଝରରୁ ଭୁବନେଶ୍ୱର ପାଖାପାଖି ୨୩୦କି.ମି.। ଏହି ଏୟାରଷ୍ଟ୍ରିପ୍‌ରେ ଯାତାୟାତ ଏବଂ ରୋଗୀ ନେବା ଆଣିବା ପାଇଁ ବେଶ୍ ଉପଯୋଗୀ। ଏଣୁ ଏହାର ସମ୍ପ୍ରସାରଣ କରାଯିବା ଜରୁରୀ ବୋଲି ପାଟଣା ବିଧାୟକ ଜଗନ୍ନାଥ ନାୟକ କହିଛନ୍ତି। ଜିଲାରେ ୧୦୦ରୁ ଊର୍ଦ୍ଧ୍ୱ ଲୁହା, ମାଙ୍ଗାନିଜ, ପାଇରୋଫିଲାଇଟ, କ୍ରୋମାଇଟ ଆଦି ଖଣି ରହିଛି। ଏହି ମାଟିରେ ସୁନା, ବକ୍ସାଇଟ, ପ୍ଲାଟିନମ ଆଦି ମୂଲ୍ୟବାନ ଧାତୁ ଥିବା ଚିହ୍ନଟ ହୋଇଛି। ସମଗ୍ର ବିଶ୍ୱର ନଜର ଏହି ଜିଲା ଉପରେ ଥିବା ବେଳେ ଆଗାମୀ ଦିନରେ ବହୁ ବଡ଼ ବଡ଼ କମ୍ପାନୀ ଏହି ଜିଲାରେ ବ୍ୟବସାୟ କରିବା ପାଇଁ ପୁଞ୍ଜି ବିନିଯୋଗ କରିବା ସମ୍ଭାବନା ରହିଛି।

ଏଣୁ ଏୟାରଷ୍ଟ୍ରିପ୍‌ର ବିକାଶ କରାଗଲେ ରାଜ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିମାନବନ୍ଦର ହୋଇପାରନ୍ତା ବୋଲି ଜିଲାର ବିଶିଷ୍ଟ ଶିଳ୍ପପତି ଦେବବ୍ରତ ବେହେରା କହିଛନ୍ତି। ଏନେଇ ଅତିରିକ୍ତ ଜିଲାପାଳ ସନ୍ତୋଷ ନାୟକ କହିଛନ୍ତି, ନିଶ୍ଚିତ ଭାବେ ଏୟାରଷ୍ଟ୍ରିପ୍‌ଗୁଡିକର ବିକାଶ ହେଲେ ଜିଲାବାସୀ ସୁଫଳ ପାଇପାରିବେ। ସେଭଳି ପ୍ରସ୍ତାବ ଆସିଲେ ନିଶ୍ଚିତ ଭାବେ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯିବ।

# ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

ଟେନ୍‌ସା,୧୧।୧୦(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ଗଣୁଆ ନିକଟ ଦଳିତା ଗ୍ରାମରେ ରବିବାର ରାତିରେ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀ ରମେଶ ମୁଣ୍ଡା ସ୍ତ୍ରୀ ଦାଶାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ଖବରପାଇ କୋଇଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଖବର ଅନୁଯାୟୀ ରମେଶ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା। ରମେଶ ରାଗି ଯାଇ ଏକ ଠେଙ୍ଗାରେ ସ୍ତ୍ରୀଙ୍କୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘର ଜମିବାଡିକୁ ନେଇ ସବୁବେଳେ ପାଟିତୁଣ୍ଡ ହେଉଥିଲା ବୋଲି କୁହାଯାଉଛି।

# କନିଷ୍ଠ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଦେବଗଡ଼,୧୧।୧୦(ଡି.ଏନ୍.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସୋମବାର ତିଲେଇବଣି ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ (ଜିପିଟିଏ) ବିକାଶ ବେହେରାଙ୍କ ଘରେ ଚଢାଉ କରାଯାଇଥିଲା। ଏହି ସମୟରେ ତାଙ୍କ ଘରୁ ନଗଦ ୩ଲକ୍ଷ ଟଙ୍କା, ୨୮୫ ଗ୍ରାମ ସୁନା ଅଳଙ୍କାର, ୬୦ ପ୍ଲଟର ଜମିପଟ୍ଟା, ୯ଲକ୍ଷ ଟଙ୍କାର ଏକ ବୋଲେରୋ ଗାଡି ଓ ଏକ ବୁଲେଟ ବାଇକ୍ ଠାବ କରାଯାଇଛି। ସେହିପରି ଏକ ଦ୍ୱିତଳ କୋଠା ମଧ୍ୟ ଠାବ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଦ୍ୱିତଳ କୋଠାର ମୂଲ୍ୟ ପ୍ରାୟ ୨୧ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏସବୁକୁ ମିଶାଇ ମୋଟ ୯୮ଲକ୍ଷ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।



କନିଷ୍ଠ ଯନ୍ତ୍ରୀ ବିକାଶ ବେହେରାଙ୍କ ଘରେ ଭିଜିଲାନ୍ସ ଅଧିକାରୀମାନେ ତଦନ୍ତ କରୁଛନ୍ତି।

ସୂଚନା ଅନୁଯାୟୀ, ବେହେରା ବର୍ତ୍ତମାନ ତିଲେଇବଣି ବ୍ଲକ ଅନ୍ତର୍ଗତ ଛେପିଲିପାଲି, ବଣିଆକିଲିଣ୍ଡା ଓ ବଡଛାପଲ ଗ୍ରାମ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ (ଜିପିଟିଏ) ଭାବେ ଅବସ୍ଥାପିତ ଥିବାବେଳେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ସୋମବାର ପ୍ରତ୍ୟୁଷରେ ଭିଜିଲାନ୍ସ ଡିଏସ୍‌ପି ବୀରେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଦେବଗଡ, ଝାରସୁଗୁଡା ଓ ରାଉରକେଲା ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ୨୦ ଜଣିଆ ଦଳ ଏକକାଳୀନ ବଳମସ୍ଥିତ ବିକାଶଙ୍କ ବାସଭବନ ଓ କଣ୍ଢେଲ ସ୍ଥିତ ତାଙ୍କ ଶ୍ୱଶୁର ଘରେ ଚଢାଉ କରିଥିଲେ। ଏଥିସହ ଉକ୍ତ ଭିଜିଲାନ୍ସ ଦଳ ତିଲେଇବଣି ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ନିର୍ମାଣ କାର୍ଯ୍ୟ ସମ୍ବନ୍ଧୀୟ ଫାଇଲପତ୍ର ଯାଞ୍ଚ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା, ମାତ୍ର ୨ମାସ ପରେ ଡିସେମ୍ବର ମାସରେ ବେହେରାଙ୍କ ନିଯୁକ୍ତିର ୬ ବର୍ଷ ପୂରିବାକୁ ଥିବାବେଳେ ତାଙ୍କର ନିଯୁକ୍ତି ମଧ୍ୟ ସ୍ଥାୟୀ ହୋଇଥାନ୍ତା। ରାତି ପର୍ଯ୍ୟନ୍ତ ଭିଜିଲାନ୍ସ ପକ୍ଷରୁ ଜବତ ସମ୍ପତ୍ତିର ଆକଳନ ଜାରି ରହିଛି। ତଦନ୍ତ ଶେଷ ହେବା ପରେ ସବିଶେଷ ସୂଚନା ମିଳିବ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏସ୍‌ପି ନାୟକ ପ୍ରକାଶ କରିଛନ୍ତି।



## ସଂରକ୍ଷଣରେ ପଛୁଆ ବର୍ଗଙ୍କୁ ଉପେକ୍ଷା

କର୍ଲାମୁଣ୍ଡା,(ଡି.ଏନ.ଏ.): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସ୍ଥାନ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏଥିରେ ପଛୁଆବର୍ଗଙ୍କୁ ଉପେକ୍ଷା କରାଯାଇଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୋମବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଭାଜପା ପକ୍ଷରୁ କର୍ମୀମାନେ ଶୋଭାଯାତ୍ରାରେ ବାହାରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କର୍ଲାମୁଣ୍ଡା ବିଡିଓଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏଥିରେ ଭାଜପା ନେତା ଦଶରଥ ସାହୁ, ସଞ୍ଜୟ ଜୈନ, ଗୋବିନ୍ଦ ସାହୁ, ଜୟନ୍ତୀ ସାହୁ, ଦୟାନିଧି ସାହୁ, ନବୀନ ରଣା, ଗୋପୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଦିବାସୀ, ହରିଜନ ଛାତ୍ରାବାସ ରାସ୍ତା ନିର୍ମାଣ ପାଇଁ ଭୂମି ପୂଜନ

**ଡୁଙ୍ଗୁରିପାଲି/ବିନିକା,୧୧।୧୦ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ମାୟାବର୍ହାସ୍ଥିତ ଶ୍ରୀରାମ ଡିଗ୍ରୀ କଲେଜ ହରିଜନ, ଆଦିବାସୀ ଛାତ୍ରାବାସ ରାସ୍ତା କଂକ୍ରିଟକରଣ ପାଇଁ ସୋମବାର ରାସ୍ତାର ଭୂମିପୂଜନ କରାଯାଇଛି। ଏଥିପାଇଁ ଜିଲା ପରିଷଦ ପାଣ୍ଠିରୁ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହା ସହ ୩ଲକ୍ଷ ଟଙ୍କା ଅନୁଦାନରେ ବିଜ୍ଞାନଗାର ପ୍ରୟୋଗଶାଳାର ଉନ୍ନତୀକରଣ ହେବ। କଲେଜ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପୂଜାରୀ, ରାମପୁର ଜିଲା ପରିଷଦ ଜୋନ ସଭ୍ୟା ମମତା ମଟାରୀ ଉଭୟ କାମ ପାଇଁ ୫ଲକ୍ଷ ଟଙ୍କା ଅନୁଦାନର ମଞ୍ଜୁରୀ ପତ୍ର ଡିଗ୍ରୀ କଲେଜ ଅଧକ୍ଷ ଧ୍ରୁବ ଚରଣ ପଧାନଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀରାମ ଡିଗ୍ରୀ କଲେଜର ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଗଛରୁ ଝୁଲନ୍ତା ମୃତଦେହ ଠାବ

**ତରଭା, ୧୧।୧୦(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଡଭଇଁରୋ ଗ୍ରାମ ସମୀପ ଖେତରେ ଥିବା ଏକ ପଳାସ ଗଛରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ ମୁରଲୀ ମନହୀରା(୫୫)। ରବିବାର ଅପରାହ୍ନରେ ସେ ନିଜ ଖେତକୁ ଯାଇଥିଲେ। ବିଳମ୍ବିତ ରାତ୍ରି ଯାଏ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ସକାଳୁ ତାଙ୍କ ଖେତରେ ଥିବା ପଳାସ ଗଛରେ ପ୍ଲାଷ୍ଟିକ ଦୌଡିରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ପୁତ୍ର କାର୍ତ୍ତିକ ମନହୀରା ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମୋ ସ୍କୁଲ ଅଭିଯାନ ବୈଠକ

**ବାଉଁଶୁଣୀ, ୧୧।୧୦(ଡି.ଏନ୍.ଏ):** ବୌଦ୍ଧ ବ୍ଲକ ସଂଗ୍ରାମପୁର ପଞ୍ଚାୟତ ହାଇସ୍କୁଲ ଶିକ୍ଷକ ଏବଂ ପୁରାତନ ଛାତ୍ରଙ୍କୁ ନେଇ ମୋ ସ୍କୁଲ ଅଭିଯାନର ତୃତୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭରତ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ର ସଂସଦ ସଭାପତି ନିରଞ୍ଜନ ମେହେର ମୋ ସ୍କୁଲର ଆଗାମୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନା କରିଥିଲେ। ବୈଠକରେ ୧୩ ହଜାର ୫୦୦ଟଙ୍କାର ପାଣ୍ଠି ସଂଗ୍ରହ ହୋଇଥିଲା। ଏକ ପବ୍ଲିକ ଲାଇବ୍ରେରୀ ସ୍ଥାପନ ପାଇଁ ସଭାରେ ମତପ୍ରକାଶ ପାଇଥିଲା। ପରବର୍ତ୍ତୀ ବୈଠକ ଆସନ୍ତା ୨୬ତାରିଖ ହେବାକୁ ସ୍ଥିରୀକୃତ ହୋଇଛି। ଶେଷରେ ଯୁବ କ୍ରୀଡ଼ାବିତ ତାପସ ଭୁକ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

### ଓଏଏସ୍ ପରୀକ୍ଷା: ୮୭ନଂ ସ୍ଥାନରେ ଈଶ୍ୱରଦତ୍ତ

**ଅମରପାଲି୧୧।୧୦(ଡି.ଏନ.ଏ):** ଓଡ଼ିଶା ଲୋକସେବା ଆୟୋଗ ଦାରା ପରିଚାଳିତ ଓଏଏସ ପରୀକ୍ଷାରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରସତୀ ଶିଶୁ



ବିଦ୍ୟାମନ୍ଦିରର ପୁରାତନ ଛାତ୍ର ଈଶ୍ୱରଦତ୍ତ ମିଶ୍ର ସଫଳ ହୋଇଛନ୍ତି। ସଫଳ ୧୫୩ ଜଣଙ୍କ ମଧରେ ତାଙ୍କ ସ୍ଥାନ ରହିଛି ୮୭ରେ। ଲୋକଙ୍କୁ ସରକାରୀ ଯୋଜନାର ସୁଫଳ କିଭଳି ଭାବେ ମିଳିପାରିବ ସେ ନେଇ ଉଦ୍ୟମ କରିବେ ବୋଲି କହିଛନ୍ତି ଈଶରଦତ୍ତ। ବ୍ରହ୍ମପୁର ସରକାରୀ ଇଞ୍ଜିନିୟରିଂ କଲେଜରେ ସିଭିଲ ଇଞ୍ଜିନିୟରିଂ ପଢିବା ପରେ ଓଏଏସ ପାଇଁ ପ୍ରସ୍ତୁତଆରମ୍ଭ କରିଥିଲେ। ଈଶ୍ୱରଦତ୍ତ ହେଉଛନ୍ତି ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ପଦ୍ମନାଭ ମିଶ୍ର ଓ ସୁପ୍ରଭା ପଣ୍ଡାଙ୍କ ପୁତ୍ର ଓ ବୀରମହାରାଜପୁର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଗଣପତି ପଣ୍ଡାଙ୍କ ନାତି।

### ତୈଳିକ ବୈଶ୍ୟ ସମାଜର ନୂଆଁଖାଇ ଭେଟଘାଟ

**ପାଇକମାଳ,୧୧।୧୦(ଡି.ଏନ.ଏ):** ପାଇକମାଳର ନୃସିଂହନାଥ ତୀର୍ଥକ୍ଷେତ୍ରରେ ଥିବା ସାହୁ ସମାଜ ଧର୍ମଶାଳାଠାରେ ସୋମବାର ବରଗଡ ଜିଲା ତୈଳିକ ବୈଶ୍ୟ ସମାଜର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ନିର୍ମାଣକୁ ଆଖି ଆଗରେ ରଖି ପାଣ୍ଠି ସଂଗ୍ରହ ଓ ଆଗାମୀ ମହାସଭା ସକାଶେ ଆଲୋଚନା କରାଯାଇଥିଲା। ବୈଠକରେ ବରଗଡ ଜିଲା ସଭାପତି ମନୋରଞ୍ଜନ ସାହୁ, ମାର୍କଣ୍ଡ ସାହା, ବେଣୁଧର ସାହୁ, ରାଜକିଶୋର ସାହୁ, ଦୀନେଶ୍ୱର ସାହୁ, ପରମେଶ୍ୱର ସାହୁ, ଭିକାରୀ ଚରଣ ସାହୁଙ୍କ ସମେତ ବିଭିନ୍ନ ବ୍ଲକର ପ୍ରତିନିଧି, କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ହକ୍ ଦାବିରେ ଗର୍ଜିଲେ ଚାଷୀ

- ବରଗଡ଼ରେ ବିକ୍ଷୋଭ ଶୋଭାଯାତ୍ରା
- ଜିଲାପାଳଙ୍କ ଅଫିସ ଆଗରେ ଧାରଣା
- ୧୨ଦଫା ଦାବିରେ ସ୍ମାରକପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୧୧।୧୦**

ମରୁଡ଼ି ଘୋଷଣା, କୃଷିଋଣ ଛାଡ଼, ବିଦ୍ୟୁତ ଦେୟ ଛାଡ଼, ସମ୍ପୂର୍ଣ୍ଣ ଧାନ ସଂଗ୍ରହ ଆଦି ୧୨ଦଫା ଦାବି ନେଇ ବରଗଡ଼ ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ନେତୃତ୍ୱରେ ଚାଷୀମାନେ ସୋମବାର ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଛନ୍ତି। ପରେ ସେମାନେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସୋମବାର ପୂର୍ବାହ୍ନରେ ବରଗଡ଼ ଜିଲାର ପ୍ରତି ବ୍ଲକର ଚାଷୀମାନେ ବରଗଡ଼ ଲୋକମଣ୍ଡପ ପଡ଼ିଆରୁ ଏକ ବିଶାଳ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ୍‌କୁ ଯାଇଥିଲେ। ଜିଲାପାଳଙ୍କ ଅଫିସ ଆଗରେ ସେମାନେ ବିକ୍ଷୋଭ ପ୍ରଦର୍ଶନ ସହିତ ନିଜ ଦାବି ଉପସ୍ଥାପନ କରିଥିଲେ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲାର ଅଣଜଳସେଚିତ ଅଞ୍ଚଳରେ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଜିଲାର ଚାଷୀମାନଙ୍କୁ କ୍ରମାଗତ କ୍ଷତି ସହିବାକୁ ପଡୁଥିବାରୁ କୃଷିଋଣ ଛାଡ଼ ସହ ଉଠାଜଳସେଚନ, ଗଭୀର ନଳକୂପ ଉପରେ ନିର୍ଭରଶୀଳ ଚାଷୀଙ୍କୁ ବିଦ୍ୟୁତ ଦେୟ ଛାଡ଼ କରିବାକୁ ଦାବି ହୋଇଛି। ସେହିପରି ଟୋକନ ଅବ୍ୟବସ୍ଥାର ପ୍ରତିକାର, ଧାନ ସମେତ ଅନ୍ୟ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଫସଲକ୍ଷତି ବାବଦ ବୀମା କ୍ଷତିପୂରଣ ସହିତ ଇନପୁଟ୍ ସବ୍‌ସିଡିକୁ ତିନିଗୁଣା ବୃଦ୍ଧି କରିବାକୁ ଚାଷୀ ସଙ୍ଗଠନ ଦାବି କରିଛି। ଠିକ୍ ଭାବେ କ୍ରପକଟିଂ କରାଯିବା, ଜିଲାରେ ଫସଲ ସଂରକ୍ଷଣ, ବଜାର ବ୍ୟବସ୍ଥା, ଚାଷୀଙ୍କୁ ପେନଶନ ଏବଂ ବରଗଡ଼ ଚିନିକଳରେ ଇଥାନଲ ପ୍ରକଳ୍ପ ସ୍ଥାପନ ପାଇଁ ଚାଷୀମାନେ ସ୍ମାରକପତ୍ରରେ ଦାବି କରିଛନ୍ତି। ଜିଲା ଚାଷୀ ସଙ୍ଗଠନ ସମନ୍ୱୟ ସମିତି ସଭାପତି ଜୟକୃଷ୍ଣ ସାହୁ, ସମ୍ପାଦକ କିଶୋର ଦେବତା, ସଦାନନ୍ଦ ପୂଜାହାରୀ, ଶକୁନ୍ତଳା ମହାପାତ୍ର, ରବିନ୍ଦ୍ର ବିଶି, ସୁବାଷ ପ୍ରଧାନ, ସୁବାଷ ବିଶ୍ୱାଳ, ବିରେନ୍ଦ୍ର କର, ସରୋଜ ସାହୁ ପ୍ରମୁଖ ଶୋଭାଯାତ୍ରା ଓ ଧାରଣାର ନେତୃତ୍ୱ ନେଇଥିଲେ।



ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ବୌଦ୍ଧ,୧୧।୧୦(ସ୍ୱ.ପ୍ର.)**

ବୌଦ୍ଧ ଜିଲା ମେଣ୍ଟାଲ ୟୁନିଟ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ମେଡିକାଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଭୟ ଦାସ, ଅତିରିକ୍ତ ଗଣସ୍ୱାସ୍ଥ୍ୟ ଅଧିକାରୀ ଡ.ବିକେ ହେମ୍ବ୍ରମ, ଏଡିଏମ୍ଓ ମେଡିକାଲ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ଡିପିଏମ ରୁପକ ମହାପାତ୍ର ଯୋଗଦେଇଥିଲେ । ଏହି ଅବସରରେ ଏକ ମାନସିକ ସଚେତନତା ରଥକୁ ଜିଲାପାଳ ମିଶ୍ର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ୩ ଗୋଟି ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବୁଲି ସଚେତନତା କରିବାର କାର୍ଯ୍ୟକ୍ରମ ରହିଛି। ମାନସିକ ରୋଗୀଙ୍କୁ ସମାଜରୁ ଅପବାଦକୁ ରୋକିବା ଏହାର ମୂଳ ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସାମିଲ ଥିଲେ।

## ସଂଗ୍ରାମପୁରକୁ ଟାଇଟଲ



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

**ପୂର୍ଣ୍ଣବାସୀ ଫୁଟବଲ ଟୁର୍ନାମେଣ୍ଟ**

**ଅମରପାଲି,୧୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସଂଗ୍ରାମପୁରରେ ଚାଲିଥିବା ୮ମ ପୂର୍ଣ୍ଣବାସୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କୁଡ଼ାପଡ଼ାକୁ ୧–୦ଗୋଲରେ ପରାସ୍ତ କରି ସଂଗ୍ରାମପୁର ଚାମ୍ପିୟନ ହୋଇଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ କୁଡ଼ାପଡ଼ା ଟାଇବ୍ରେକର ୫–୪ଗୋଲରେ ପଲସାଗୋରାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ବଲାସିଙ୍ଗା(ବୌଦ୍ଧ)କୁ ସଂଗ୍ରାମପୁର ୨–୧ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଆୟୋଜକ କ୍ଲବ ସଭାପତି ପ୍ରକାଶ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ବିଜେଡି ଯୁବ ସଭାପତି ନାରାୟଣ ଲୁହା, ଜିଲା ଛାତ୍ର ବିଜେଡି ଉପ ସଭାପତି ଶୈଳରଞ୍ଜନ ବାଦୀ, ସ୍ଥାନୀୟ ସରପଞ୍ଚ ରାଜକିଶୋର ନାଏକ, ଶିକ୍ଷାବିତ୍ ତ୍ରିନାଥ କର୍ଣ୍ଣ, କ୍ରୀଡ଼ାବିତ୍ ବୀରେନ ପର୍ଡିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ଥିଲେ। ସଂଗ୍ରାମପୁରର ଉଦିତ ବେହେରାଙ୍କୁ ଶ୍ରେଷ୍ଠ ଗୋଲ ରକ୍ଷକ, ପପୁ ବେହେରା ଶ୍ରେଷ୍ଠ ଡିଫେନ୍ସ, କୁଡାପଡ଼ାର ଜିତେନଙ୍କୁ ଶ୍ରେଷ୍ଠ ସ୍କୋରର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ସଂଗ୍ରାମପୁର ଦଳକୁ ନଗଦ ୮ହଜାର ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ୍ କୁଡ଼ାପଡ଼ା ଦଳକୁ ନଗଦ ୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମ୍ୟାଚଗୁଡିକରେ ଅମରେଶ ପଧାନ, ପ୍ରହଲ୍ଲାଦ ଭୁକ୍ତା, ତାପସ ଭୁକ୍ତା ରେଫରିଭାବେ ଖେଳ ପରିଚାଳନା କରିଥିଲେ। କମଳ ଲୋଚନ କର୍ମୀ ସ୍କୋରର ଓ ଚତୁର୍ଭୁଜ ଷାଣ୍ଢ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।

## କୁସୁମଟିକ୍ରାରେ ଜବରଦଖଲ ଉଚ୍ଛେଦ

**ଲୋଇସିଂହା, ୧୧।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା କୁସୁମଟିକ୍ରାରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ଆଗଲପୁର ତହସିଲଦାର ସୂଚିତା ପୁଷ୍ପାଙ୍କ ଉପସ୍ଥିତିରେ ସରକାରୀ ଜମିରେ ଜବରଦଖଲ କରି ନିର୍ମାଣ କରିଥିବା କେତେକଙ୍କ ଘରକୁ ଜେସିବି ଲଗାଇ ଭଙ୍ଗା ଯାଇଛି। ଜବରଦଖଲ ଉଚ୍ଛେଦ ପରେ ସେହି ସ୍ଥାନରେ ଅଦର୍ଶ ସ୍କୁଲ ନିର୍ମାଣ ହେବ ବୋଲି ଜଣାଯାଇଛି। ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ପରେ ଦୀର୍ଘଦିନ ବସବାସ କରି ଆସୁଥିବା ପରିବାର ଏବେ ଖୋଲା ଆକାଶ ତଳକୁ ଚାଲି ଆସିଛନ୍ତି।

୧୯୯୦ ଦଶକରେ ଆଗଲପୁର ଡୁଡୁକା ବ୍ଲକ କାର୍ଯ୍ୟାଳୟ ନିକଟ କୁସୁମଟିକ୍ରା ଅଞ୍ଚଳରେ ଏକ ବସତି ସ୍ଥାପନ ଆରମ୍ଭ ହୋଇଥିଲା । ବିଭିନ୍ନ ଅଞ୍ଚଳରୁ ଆସି ପ୍ରାୟ ୫୦ ପରିବାର ସେଠାରେ ଘର କରି ରହି ଆସୁଥିଲେ। ଏପରି କେତେକ ଭୂମିହୀନ ପରିବାର ପ୍ରଧାନମନ୍ତ୍ରୀ ଆବସ ଯୋଜନା ଟଙ୍କାରେ ସେଠାରେ ଘର ନିର୍ମାଣ କରିଥିଲେ । ପବିତ୍ର ନାଗ ନାମ କଣେ ବ୍ୟକ୍ତି ନିକଟରେ ନିର୍ମାଣ ସାରି ଗୃହ ପ୍ରବେଶ କରିଥିଲେ । ହେଲେ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନକୁ ବ୍ଲକର ଅଦର୍ଶ ସ୍କୁଲ ନିର୍ମାଣ ପାଇଁ ଚିହ୍ନ କରାଯାଇଥିଲା । ଏହାପରେ ବସବାସ କରୁଥିବା ପରିବାରକୁ ମାସକ ପୂର୍ବରୁ ନୋଟିସ୍ କରାଯାଇଥିଲା। ୨୦୨୧ସେପ୍ଟେମ୍ବର ୩୦ସୁଦ୍ଧା ଘର ଛାଡିବାକୁ ନୋଟିସ୍‌ରେ ଉଲ୍ଲେଖ କରାଯାଇଥିଲା। ଧାର୍ଯ୍ୟ ତାରିଖର ୧୦ଦିନ ପରେ ସୁଦ୍ଧା କେହି ସ୍ଥାନ ନଛାଡିବାରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଥିବା ତହସିଲଦାର ପୁଷ୍ପା କହିଛନ୍ତି। ବିସ୍ଥାପିତ ହେବାକୁ ଥିବା କେତେକ ଭୂମିହୀନଙ୍କ ପାଇଁ ଜମିର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି ।



ପ୍ରଶାସନ ପକ୍ଷରୁ ଡୁଡୁକା କୁସୁମ ଟିକ୍ରାରେ ଜେସିବି ଲଗାଇ ଘର ଭାଙ୍ଗାଯାଉଛି ।

## ଧାନକେଣ୍ଡା ଧରି ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୧୧।୧୦**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଖୋଲା ପଞ୍ଚାୟତରେ ମରୁଡ଼ି ପରିସ୍ଥିତି ଉପୁଜିଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଉକ୍ତ ଅଞ୍ଚଳର ଫସଲ ଉଜୁଡ଼ି ଯାଇଛି। ଏଭଳି ଅଭିଯୋଗ ସହିତ ଖୋଲା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଏହି କ୍ରମରେ ସେମାନେ ନଷ୍ଟ ହୋଇଥିବା ଧାନକେଣ୍ଡା ଧରି ଜିଲାପାଳଙ୍କ ଅଫିସକୁ ଆସିଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ତ୍ରିଲୋଚନ ଦୁଆନ, ଭାଗିରଥି ଦୁଆନ, ଭୀଷ୍ମଦେବ ଦୁଆନ, ନିଳମଣି ବାରିକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଛାତ୍ର କଂଗ୍ରେସର ବିକ୍ଷୋଭ

**ବରଗଡ଼ ଅଫିସ୍,୧୧।୧୦**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ହେବାକୁ ଥିବା ଚତୁର୍ଥ ସେମିଷ୍ଟାର ପରୀକ୍ଷାକୁ ଚାପଯୁକ୍ତ ବୋଲି ବରଗଡ଼ ଜିଲା ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ଫଳରେ ଉକ୍ତ ପରୀକ୍ଷାକୁ ବାତିଲ କରାଯିବା କିମ୍ବା ଆଗକୁ ଘୁଞ୍ଚାଇବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଏହି ପରିପ୍ରେକ୍ଷୀରେ ଛାତ୍ର କଂଗ୍ରେସର ଏକ ପ୍ରତିନିଧି ଦଳ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ସ୍ମାରକପତ୍ର ଗ୍ରହଣ କରିଥିଲେ। ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତିଙ୍କ ନେତୃତ୍ୱରେ ନୀତିଶ ସୁନା, ସଂସ୍କାର ସାହୁ, ତୋଷବନ୍ତ ମହାନନ୍ଦ, ପିଙ୍କୁ ସୁନା, ନୀଲେଶ ଶତପଥି ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ବ୍ଲକ ଅଧ୍ୟକ୍ଷ ପଦବୀ ସଂରକ୍ଷଣ ପ୍ରତିବାଦରେ ଦାବିପତ୍ର

**କେସିଙ୍ଗା,୧୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧ୍ୟକ୍ଷ ପଦବୀ ଏବେ ଅନୁସୂଚିତ ଜାତିଙ୍କ ଲାଗି ସଂରକ୍ଷଣ ହୋଇଥିବା ସରକାରୀ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଏହାକୁ ନେଇ ଶତାଧିକ ଲୋକ ଅସନ୍ତୋଷ ପ୍ରକାଶ କରି ସୋମବାର ଜିଲାପାଳଙ୍କ ଅନୁପସ୍ଥିତିରେ କିରାଣୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ନିର୍ବାଚନରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗଙ୍କୁ ସଂରକ୍ଷଣ ପ୍ରଦାନ କରାଯାଇଛି। ଏଥର ସାଧାରଣ ବର୍ଗ ହେବା ସ୍ଥାନରେ ପୁନଃ ଅନୁସୂଚିତ ଜାତି ବର୍ଗ ଲାଗି ସଂରକ୍ଷଣ ହୋଇଛି। ଏ ସଂକ୍ରାନ୍ତରେ କେସିଙ୍ଗା ପଞ୍ଚାୟତ ସମିତି ୧୭ଜଣ ସରପଞ୍ଚ, ୧୬ ସମିତି ସଭ୍ୟ, ଜଣେ ଜିଲା ପରିଷଦ, ୧୦ଜଣ ପୂର୍ବତନ ସରପଞ୍ଚ, ୨୬ଟି ପଞ୍ଚାୟତ ବୁଦ୍ଧିଜୀବୀ, ସଚେତନ ନାଗରିକ, ସଙ୍ଗଠକ ସମେତ ୭୦୦ରୁ ଊର୍ଦ୍ଧ୍ୱ ମତଦାତାଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ନାବାଳିକାଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

**କୋକସରା,୧୧।୧୦(ଡି.ଏନ.ଏ.)**

ସୋସିଆଲ ମିଡିଆରେ ଜଣେ ନାବାଳିକା ସହ ନିଜର ଫଟୋକୁ ଏଡିଟ କରି ଫେସବୁକରେ ଭାଇରାଲ କରିବା ଅଭିଯୋଗରେ କଳାହାଣ୍ଡି ଜିଲା କୋକସରା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଦେବାନନ୍ଦ ମେହେର (୨୮)। ପୋଲିସ ସୂଚନା ଅନୁସାରେ କୋକସରା ଥାନା ଖୁଣ୍ଟିଆ ପଞ୍ଚାୟତ ମିର୍ଜାପୁର ଗାଁର ଦେବାନନ୍ଦ ଜଣେ ନାବାଳିକା ସହ ନିଜ ଫଟୋକୁ ଏଡିଟ କରି ଫେସବୁକରେ ପୋଷ୍ଟ କରିଥିଲେ। ସୋସିଆଲ ମିଡିଆରେ ତାହା ଭାଇରାଲ ହେବା ପରେ ନାବାଳିକାଙ୍କ ପରିବାର ପକ୍ଷରୁ କୋକସରା ଥାନାରେ ରବିବାର ଅଭିଯୋଗ କରିଥିଲେ। ଏ ନେଇ କୋକସରା ଥାନାରେ ଏକ ମାମଲା (ନଂ.୨୧୨/୨୧) ରୁଜୁ ହୋଇଥିଲା। ଘଟଣାର ତଦନ୍ତ କରି ପୋଲିସ ତ୍ୱରିତ ପଦକ୍ଷେପ ନେଇ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

## ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା

**ବିନିକା,୧୧।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଶାରଦୀୟ ଦୁର୍ଗାପୂଜା ପାଇଁ ସୋମବାର କଳସ ଶୋଭାଯାତ୍ରା କରାଯାଇଥିଲା। ଗ୍ରାମବାସୀ ସମଲେଇ ମନ୍ଦିର ନିକଟ ବଡବନ୍ଧରୁ ପୂର୍ଣ୍ଣ ଜଳ କଳସ ଦୁର୍ଗା ମଣ୍ଡପକୁ ଆଣିଥିଲେ । କଳସ ଶୋଭାଯାତ୍ରା ଆୟୋଜନରେ କୃଷ୍ଣ ପଧାନ, ସୁଶୀଲ ସେଠୀ, ପରଦେଶୀ ନାଇକ, ଆନନ୍ଦ ଧରୁଆ, ଅଜିତ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଚଳିତବର୍ଷ ବ୍ୟାସଭାବେ ଆଦତ୍ୟ ପାଢୀ, କର୍ତ୍ତାଭାବେ ଶୁକଦେବ ଶତପଥୀ, ନାବିକା ସେଠୀ, ସୁବାଷ ସାହୁ, ବିପିନ ମହାଲିଙ୍ଗ ସପତ୍ନୀକ ଦାୟିତ୍ୱ ତୁଲାଇବେ ।

## ପ୍ୟାକ୍ସରେ ତାଲା ପକାଇଲେ ଚାଷୀ

**ବଲାଙ୍ଗୀର ଅଫିସ, ୧୧।୧୦**

**ସମବାୟ କୃଷିଋଣ ପ୍ରଦାନରେ ଦୁର୍ନୀତି ଅଭିଯୋଗ**

ଚାଷୀଙ୍କୁ ସମବାୟ କୃଷିଋଣ ପ୍ରଦାନରେ ଦୁର୍ନୀତି ହୋଇଛି। ଏହିଭଳି ଅଭିଯୋଗ କରି ସୋମବାର ଚାଷୀମାନେ ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବୁବେଲ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ପହଞ୍ଚିଥିଲେ। ସେଠାରେ ସମ୍ପାଦକ ଅନୁପସ୍ଥିତ ଥିବା ପ୍ରତିବାଦରେ ଉକ୍ତ ପ୍ୟାକ୍ସରେ ତାଲା ପକାଇ ଦେଇଥିଲେ।

ମଅଭିଯୋଗ ଅନୁସାରେ ବୁବେଲ ପ୍ୟାକ୍ସ ଅନ୍ତର୍ଗତ ବାହାଲବୁକା ଗାଁର ବହୁ ଚାଷୀ କୃଷିଋଣ ଆବେଦନ କରିଥିଲେ। ସେମାନଙ୍କ କୃଷି ଋଣ ମଞ୍ଜୁର ହୋଇଥିବା କୁହାଯାଇଥିଲା। ତେବେ ଯେତିକି ଋଣ ମଞ୍ଜୁରୀ ହୋଇଛି ତାକୁ ଚାଷୀଙ୍କୁ ନ ଦେଇ ଏଥିରେ ଜାଲିଆତି କରାଯାଇଥିବା ଜାଣିବା ପରେ ଚାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କୃଷକ ସଂଘର୍ଷ ସମିତି ପକ୍ଷରୁ ଏହି ଘଟଣାର ସତ୍ୟାସତ୍ୟ ଜାଣିବାକୁ ଉଦ୍ୟମ କରାଯାଇଥିଲା। ସମବାୟ ବ୍ୟାଙ୍କରେ ବାହାଲବୁକାର ଚାଷୀଙ୍କ ଋଣ ସମ୍ବନ୍ଧୀୟ ତଥ୍ୟାବଳୀ ଯାଞ୍ଚ କରାଯିବା ପରେ ଏଥିରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ କରି ଚାଷୀମାନେ ପ୍ୟାକ୍ସକୁ ଯାଇଥିଲେ। ସେଠାରେ ଋଣ ଜାଲିଆତି ସମ୍ପର୍କରେ ପ୍ୟାକ୍ସ ସମ୍ପାଦକଙ୍କ ଉପସ୍ଥିତିରେ ତାଙ୍କର ଋଣ ତଥ୍ୟ ବହି ବା ଲେଜର ବୁକ୍ ତଦାରଖ କରିବା ପାଇଁ ଚାହିଁଥିଲେ। ତେବେ ଚାଷୀମାନେ ପ୍ୟାକ୍ସରେ ପହଞ୍ଚିବା ବେଳକୁ ସମ୍ପାଦକ ଅନୁପସ୍ଥିତ ଥିବା ଦେଖାଯାଇଥିଲା। ଜାଣିଶୁଣି ସମ୍ପାଦନ ଅନୁପସ୍ଥିତ ରହିଥିବା ଏବଂ ଚାଷୀଙ୍କ ଋଣ କାରବାରରେ ଦୁର୍ନୀତି ହୋଇଥିବାରୁ ଧରାପଡିବା ଭୟରେ ଅନୁପସ୍ଥିତ ରହିଥିବା ଦର୍ଶାଇ ପ୍ୟାକ୍ସରେ ତାଲା ପକାଇ ଦେଇଥିଲେ। ଋଣ ଲେଜର ବୁକ୍ ତଦାରଖ ହୋଇପାରି ନଥିବାରୁ ଚାଷୀମାନେ ଘେରାଉ କରିଥିଲେ। କୃଷକ ସଂଘର୍ଷ ସମିତି ସଭାପତି ବିଭୁଦତ୍ତ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ତାଲାବନ୍ଦ ଆନ୍ଦୋଳନରେ ମିଳିତ କୃଷକ ସଙ୍ଗଠନ ସଂଯୋଜକ ମଧୁସୂଦନ କ୍ଷେତି, ଶଙ୍କର ପାଣିଗ୍ରାହୀ, ସୁରଥ ପଟେଲ, ବାହାଲବୁକା ଗାଁର ଚାଷୀ ଇନ୍ଦ୍ର ନାଗ, ରାଧାକାନ୍ତ ମଟାରୀ, ମନବୋଧ ସୁନା, ସୂର୍ଯ୍ୟ ରଣା, ଦଇତ ରଣା, ପ୍ରେମା ରଣା, ଉମାକାନ୍ତ ବକୁଲ, ସୌଦାମିନୀ ବକୁଲ, ରାମ ପ୍ରସାଦ ମଟାରୀ ଉପସ୍ଥିତ ଥିଲେ। ଜିଲାପାଳ ତୁରନ୍ତ ଏହି କୃଷିଋଣ ଦୁର୍ନୀତିର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଆଗାମୀ ଦିନରେ ପ୍ରାଥମିକ ସ୍ତରରେ କୃଷକ ସଂଘର୍ଷ ସମିତି ପକ୍ଷରୁ ଜିଲାର ଦେଓଗାଁ, ଲୋଇସିଂହା, ପୁଇଁନ୍ତଲରେ ଥିବା ସଭ୍ୟମାନଙ୍କ ଜରିଆରେ ଚାଷୀଙ୍କ ସମସ୍ୟାକୁ ବୁଝି ଚାଷୀର ହକ୍ ପାଇଁ ଜିଲାପାଳ, ଆରକ୍ଷୀ ଅଧକ୍ଷ, ସମବାୟ ବ୍ୟାଙ୍କ ପରିଚାଳକ ତଥା ସମବାୟ ବିଭାଗର ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଏନେଇ ବଲାଙ୍ଗୀର ସମବାୟ ସମୂହ ଉପନିବନ୍ଧକ ଅନନ୍ତ କୁମାର ନାଏକଙ୍କୁ ପଚରାଯିବାରୁ ବୁବେଲ ପ୍ୟାକ୍ସରେ କୃଷିଋଣ ସମ୍ବନ୍ଧରେ କୌଣସି ଚାଷୀ ତାଙ୍କୁ ବିଧିବଦ୍ଧ ଭାବେ ଅବଗତ କରିନାହାନ୍ତି ବୋଲି କହିଥିଲେ।




ବୁବେଲ ପ୍ୟାକ୍ସରେ ଚାଷୀମାନେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଅଭିଯୁକ୍ତ ଗିରଫ, ୩୭ହଜାର ଟଙ୍କା ଜବତ

**ସୋନପୁର, ୧୧।୧୦(ନି.ପ୍ର.)**

**ଏଟିଏମ୍ କାର୍ଡ ଚୋରି କରି ଟଙ୍କା ଉଠାଣ ଘଟଣା**

ଏଟିଏମ୍ କାର୍ଡ ଚୋରି କରି ଟଙ୍କା ଉଠାଣ କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ସୁବଳୟା ଥାନା ଅନ୍ତର୍ଗତ ସଦେଇପୁର ଗ୍ରାମର ସୂର୍ଯ୍ୟନାରାୟଣ ବିଶ୍ୱାଳ(୪୪)। ସେ ଜିଲାର ବିଭିନ୍ନ ଏଟିଏମ୍ କାଉଣ୍ଟର ସମ୍ମୁଖରେ ଛିଡା ହୋଇଥାନ୍ତି। କୌଣସି ବ୍ୟକ୍ତି ଟଙ୍କା ଉଠାଇ ନ ପାରିଲେ ସୂର୍ଯ୍ୟନାରାୟଣ ସହାୟତା କରିବାକୁ ଆଗେଇ ଆସନ୍ତି। ଏହି ସମୟରେ ସେ ହାତ ସଫେଇ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ଏଟିଏମ୍ କାର୍ଡକୁ ଚୋରାଇ ଆଣନ୍ତି ଏବଂ ଅନ୍ୟ ଏକ ଏଟିଏମ୍ କାର୍ଡ ଦେଇଦିଅନ୍ତି। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଏଟିଏମ୍ କାର୍ଡ ଓ ସିକ୍ରେଟ୍ ପିନ୍ କୋଡ ନମ୍ବର ବ୍ୟବହାର କରି ଟଙ୍କା ଉଠାଣ କରନ୍ତି ବୋଲି ସୁବର୍ଣ୍ଣପୁର ଏସ୍‌ପି ସୀତାରାମ ଶତପଥୀ ସୋମବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ୪ଟି ଘଟଣାରେ ୪୫ ହଜାର ୩୦୦ ଟଙ୍କା ଲୁଟ୍ କରିଥିବା ବେଳେ ତାଙ୍କଠାରୁ ୩୭ ହଜାର ଟଙ୍କା ଉଦ୍ଧାର କରିଛି ପୋଲିସ। ଅଭିଯୁକ୍ତଙ୍କ ନାମରେ ସୋନପୁର ଥାନାରେ ୨୦୧୯ମସିହାରେ ଏକ ଆପରାଧିକ ମାମଲା ବିଚାରାଧୀନ ଥିବା ଏସ୍‌ପି କହିଛନ୍ତି।

ପ୍ରକାଶ ଯେ, ଠକାମିର ଶିକାର ହେବା ପରେ ଉଲୁଣ୍ଡାର ପରୀକ୍ଷିତ ସାହୁ(୬୫) ଓ ନାକଡେଇଁର ସନ୍ତୋଷ କୁମାର ପଧାନ ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ସେହିପରି ବୌଦ୍ଧ ଜିଲା କଣ୍ଟାମାଳ ଥାନା ଖେମୁଣ୍ଡିଗାଡ ଗ୍ରାମର ଦାଶରଥୀ କର୍ମୀ ଓ ଉଲୁଣ୍ଡା ଥାନା ଧୁଲଧୁଲା ଗ୍ରାମର ସତ୍ୟନାରାୟଣ ସାହୁ ସୋନପୁର ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ସମୟରେ ଉଲୁଣ୍ଡା ପୋଲିସକୁ ସୂର୍ଯ୍ୟନାରାୟଣଙ୍କ ସମ୍ପୃକ୍ତିର ପ୍ରମାଣ ମିଳିଥିଲା। ପରେ ତାଙ୍କୁ ଗିରଫ କରିବା ସହ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ବୀରମହାରାଜପୁର ଏସ୍‌ଡିପିଓ ତୋଳାମଣି ଭୋଇ, ଉଲୁଣ୍ଡା ଆଇଆଇସି ଚନ୍ଦ୍ରମୋହନ ସିଂ, ସୋନପୁର ଥାନା ଆଇଆଇସି ପୁଷ୍ପେନ୍ଦୁ ସାଗର ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ଜୁନାଗଡ,୧୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିଦର ପଞ୍ଚାୟତ ଶଙ୍କରପଲାରେ ସୋମବାର ସକାଳରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ତାଙ୍କ ନାମ ଟିକେରାମ ଶବର। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ଚିକିତ୍ସାଧିନ ରହିଥିବା ଜଣାପଡିଛି। ସକାଳୁ ନିଜ ଚାଷ ଜମିକୁ ଯାଇଥିବାବେଳେ ହଠାତ୍ ତାଙ୍କ ଉପରକୁ ଭାଲୁ ଆକ୍ରମଣ କରିଥିଲା। ଘଟଣା ସ୍ଥଳରେ ବନବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ତଦନ୍ତ ଆରମ୍ଭ କରିଛନ୍ତି।

ସୌନ୍ଦର୍ଯ୍ୟ

# ବେସନ ଫେସ୍ ପ୍ୟାକ୍



**ବର୍ତ୍ତମାନ ତ୍ୱଚାର ଯତ୍ନ ପାଇଁ ଅନେକେ ବ୍ୟୁଟି ପାର୍ଲର ଯିବାଠାରୁ ଆରମ୍ଭ କରି ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପ୍ରକାରର ଫେସ୍‌ପ୍ୟାକ୍ ମଧ୍ୟ ବ୍ୟବହାର କରୁଛନ୍ତି। ହେଲେ ଅନେକ ସମୟରେ ଏହା ତ୍ୱଚା ଉପରେ ନକାରାତ୍ମକ ପ୍ରଭାବ ପକାଉଥିବାର ନଜିର ରହିଛି। ତେଣୁ ଆପଣ ଚାହିଁଲେ ଉଜ୍ଜ୍ୱଳ, ବ୍ରଣ ଦାଗ ମୁକ୍ତ ତ୍ୱଚା ପାଇବା ଲାଗି ଘରେ ମଧ୍ୟ ବେସନ ବ୍ୟବହାର କରି ପ୍ରାକୃତିକ ଭାବେ ଫେସପ୍ୟାକ୍ ପ୍ରସ୍ତୁତ କରିପାରିବେ...**

- ବେସନରେ ଗୋଟିଏ ଚାମଚ ମୁଲତାନୀ ମାଟି ମିଶାନ୍ତୁ। ଏହି ପ୍ୟାକ୍‌କୁ **ନିଜ ମୁହଁ**ରେ ଲଗାନ୍ତୁ। ୨୦ ମିନିଟ୍ ପରେ ଏହାକୁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ ଓ ସତେଜ ରଖିବ।
- ୨ଟି କମଳା ନିଅନ୍ତୁ। ସେଥିରୁ ଚୋପା ଛଡ଼ାଇ ରସ ବାହାର କରନ୍ତୁ। ସେଥିରେ ଏକ ଚାମଚ କ୍ଷୀର ଏବଂ ଚିମୁଟାଏ ହଳଦୀ ଏବଂ ଗୋଟେ ଚାମଚ ଲେଖାଏ ବେସନ, ମହୁ ମିଶେଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ନିଜ ମୁହଁ ଏବଂ ବେକରେ ଭଲଭାବେ ଲଗାଇ ଧୀରେ ଧୀରେ ମସାଜ କରନ୍ତୁ ଏବଂ ୨୦ମିନିଟ୍ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ। ଏହା ପରେ ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇ ଥର ଏହି ପ୍ୟାକ୍ ଲଗାଇଲେ ଆପଣଙ୍କ ମୁହଁ ଉଜ୍ଜ୍ୱଳ ଏବଂ ଗୋରା ଦିଶିବ।
- ଯଦି ଆପଣ ବ୍ଲାକ୍‌ହେଡସ୍ ଯୋଗୁ ଚିନ୍ତିତ ତେବେ ୨ଚାମଚ ବେସନରେ ଗୋଟେ ଚାମଚ ଲେମ୍ବୁର ରସ ମିଶାଇ ମୁହଁରେ ଲଗାନ୍ତୁ। ଏହି ସ୍କ୍ରବ ପ୍ୟାକ୍‌କୁ ସପ୍ତାହରେ ଦୁଇ ଥର ବ୍ୟବହାର କଲେ ବ୍ଲାକ୍‌ହେଡ୍‌ସ ଲିଭେଇବାରେ ସାହାଯ୍ୟ କରିବ।
- ପ୍ରାକୃତିକ ବାଦାମ ଏବଂ ବେସନ ଫେସ୍‌ପ୍ୟାକ୍ ଆପଣଙ୍କ ମୁହଁର ଗ୍ଲୋ ବଢାଇ ଆକର୍ଷଣୀୟ ଦେଖାଯିବାରେ ସାହାଯ୍ୟ କରେ। ଏଥିପାଇଁ ୩ ଚାମଚ ବେସନ, ୨ ଚାମଚ ବାଦାମ ପେଷ୍ଟ ଏବଂ କିଛି ବୁନ୍ଦା ଲେମ୍ବୁ ରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇବା ପରେ କିଛି ସମୟ ରଖି ଧୋଇଦିଅନ୍ତୁ।



# ଦଶହରାରେ ଡାଣ୍ଡିଆ ଗେଟ୍‌ଅପ୍



**ଦଶହରା ଆସିଲେ ସମସ୍ତେ ନିଜ ନିଜ ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ ସହ ମଜା ମସ୍ତିରେ ମଜି ଯାଆନ୍ତି। ହେଲେ ବ୍ୟସ୍ତତା ମଧ୍ୟରେ ଥାଇ ମଧ୍ୟ ଅଧିକାଂଶ ମହିଳା ନିଜକୁ ଭିନ୍ନ ଭିନ୍ନ ଲୁକ୍‌ରେ ସଜାଇବାକୁ ଜମାରୁ ଭୁଲନ୍ତି ନାହିଁ। ବର୍ତ୍ତମାନ ଡାଣ୍ଡିଆ ଗେଟ୍‌ଅପ୍ ଟ୍ରେଣ୍ଡରେ ଥିବାରୁ ଅନେକେ ଏହାକୁ ଆପଣେଇବାକୁ ପସନ୍ଦ କରୁଛନ୍ତି। ଯଦି ଆପଣ ବି ଏଥିପାଇଁ ଇଚ୍ଛୁକ ତେବେ ନିଜକୁ କିପରି ପ୍ରସ୍ତୁତି କରିବେ ଜାଣିବା ରଖନ୍ତୁ ଟିପ୍ସ...**

- ଦଶହରାକୁ ଅଧିକ ମଜାଦାର କରିବାକୁ ଯଦି ନିଜକୁ ଡାଣ୍ଡିଆ ଲୁକ୍ ଦେବାକୁ ଚାହାନ୍ତି ତେବେ ଚନିଆ- ଚୋଲି , ଘାଘରା-ଚୋଲି ହିଁ ସବୁଠୁ ଭଲ ଲାଗିଥାଏ। ଆପଣ ଚାହିଁଲେ ଲେହେଙ୍ଗା ବି ପିନ୍ଧିପାରିବେ। ଲାଲ୍, ସବୁଜ, ହଳଦୀ, ଗୋଲାପି, ନୀଳ ଆଦି ରଙ୍ଗ ବାଛନ୍ତୁ, ଅଧିକ ଆଟ୍ରାକ୍ଟିଭ୍ ଲାଗିବେ।
- ଯଦି ନୂଆ କିଣିବାକୁ ନ ଚାହାନ୍ତି ତେବେ ପାଖରେ ଥିବା କୌଣସି ହାତୀ, ମୟୂର, ଫୁଲ, କୁମ୍ଭ କିମ୍ବା ଅନ୍ୟ ଟ୍ରାଡିଶନାଲ୍ ପ୍ରିଣ୍ଟ ଥିବା ଲଙ୍ଗ୍ ସ୍କର୍ଟ ସହିତ ଡିଜାଇନର୍ ବ୍ଲାଉଜ୍ ଏବଂ ହେଭି ୱାର୍କ ଥିବା ଦୁପଟା(ରାଜସ୍ଥାନୀ କିମ୍ବା ଗୁଜରାଟି)କୁ ମିକ୍ସ ମ୍ୟାଚ୍ କରି ପିନ୍ଧି ପାରିବେ। ଏହା ଆପଣଙ୍କୁ ଟ୍ରେଣ୍ଡି ଏବଂ ଗର୍ଜିଅସ୍ ଲୁକ୍ ଦେବ।
- ନିଜ ଡ୍ରେସ୍‌ର ରଙ୍ଗ ଅନୁସାରେ ମ୍ୟାଚିଙ୍ଗ୍ କରି ଅଳଙ୍କାର ବାଛନ୍ତୁ। ସୁନ୍ଦର ଡିଜାଇନ୍‌ର ୱାର୍କ ଚୁଡି ସାଙ୍ଗକୁ ଆର୍ଟିଫିସିଆଲ୍ ଜୁଏଲେରି ସେଟ୍ ଅଧିକ ସୁନ୍ଦର ଲାଗିବ। ତେବେ ନିଜ ଗେଟ୍‌ଅପ୍‌କୁ ଆହୁରି ଆଇକ୍ୟାଚି କରିବା ଲାଗି ଆପଣ ମାର୍କେଟ୍‌ରେ ମିଳୁଥିବା ଭଳିକି ଭଳି ୱେଷ୍ଟ ବେଲ୍‌ଟ ବା କମର୍ ବନ୍ଧ ବି ବାଛି ପାରିବେ।
- ଏହି ଗେଟ୍‌ଅପ୍ ମ୍ୟାଚି ଫୁଟ୍‌ୱେର୍ ବିନା ଅଧୁରା। ତେଣୁ ଏହା ସହ ରାଜସ୍ଥାନୀ ଜୁତି କିମ୍ବା ଏମ୍ବ୍ରୋଏଡେରି ବା ସାଇନିଂ ୱାର୍କ ଥିବା ହାଫ୍‌ସୁଜ୍ ପିନ୍ଧିପାରିବେ।





**ଆଦ୍ୟାଶକ୍ତି ମା'ଦୁର୍ଗାଙ୍କ ଆଗମନ ସଭିଙ୍କ ମନରେ ଭରିଦିଏ ଆନନ୍ଦ ଓ ଉନ୍ମାଦନା। ଦିଗ୍‌ବଳୟରେ ଲାଗିଯାଏ ବିଚିତ୍ର ରଙ୍ଗ। କାଶତଣ୍ଡିଫୁଲର ମଧୁ ହିଲ୍ଲୋଳ ପୂଜାର ସୌନ୍ଦର୍ଯ୍ୟକୁ ବଢ଼ାଇ ଦିଏ। ଦିନଥିଲା, ମା'ଙ୍କୁ ଲାଲ୍ ରଙ୍ଗ ପସନ୍ଦ ବୋଲି ଧରାପୃଷ୍ଠରେ ତାଙ୍କ ସ୍ୱାଗତ ଲାଗି ଝିଅମାନେ ମଞ୍ଜୁଆତି, ହରଗୌରା ଆଦିରେ ହାତକୁ ସଜାଉଥିଲେ। ଏବେ ବି ପୂଜାରେ ଝିଅମାନେ ମେହେନ୍ଦୀ ଲଗାଉଛନ୍ତି ସତ, ହେଲେ ସେଥିରେ ନା ଅଛି ସେ ଆନନ୍ଦ ଉଲ୍ଲାସ ନା ସେ ମାଦକତା। ଆଧୁନିକତାର ଛାପ ଭିତରେ ଯେମିତି କେଉଁଆଡ଼େ ହଜିଯାଇଛି ସେ ବେଳର ପ୍ରଥା ଆଉ ପରମ୍ପରା...**

# ମା'ଙ୍କ ଶରଧା ନାଲି ରଙ୍ଗରେ...

**ମଞ୍ଜୁଆତିର ମଞ୍ଜୁଳତା: ଡା. ସରୋଜିନୀ ଷଡଙ୍ଗୀ(ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, କଟକ):** 'ଯା ଦେବୀ ସର୍ବ ଭୂତେଷୁ ଶକ୍ତିରୂପେଣ ସଂସ୍ଥିତା ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋନମଃ।' ଅଭୟଦାୟିନୀ ଶକ୍ତିମୟୀ ମା'ଦୁର୍ଗା ଯେବେ ପୃଥିବୀକୁ ଓହ୍ଲାଇ ଆସି ମଣ୍ଡପରେ ଉଭା ହୁଅନ୍ତି ଶରୀର ଓ ମନ ଉନ୍ମୁଖ ହୋଇଉଠେ, ଧମନୀର ପ୍ରତ୍ୟେକ ରକ୍ତକୋଷରେ ପୂରିଯାଏ ପାର୍ବଣର ରଙ୍ଗ।



ଧରିତ୍ରୀ, ଆକାଶ ଓ ଦିଗ୍‌ବଳୟରେ ଲାଗିଯାଏ ବିଚିତ୍ର ରଙ୍ଗ। ସମସ୍ତେ ନୂଆ ଲୁଗା ପିନ୍ଧି ସଜବାଜ ହୋଇ ମା' ଦୁର୍ଗାଙ୍କର ସ୍ତୋତ୍ର ଓ ମନ୍ତ୍ର ଉଚ୍ଚାରଣ କରି ମା'ଙ୍କର ପୂଜା ଅର୍ଚ୍ଚନା କରନ୍ତି। ମା' ପୂଜା ଆସିଲେ ହିଁ ନୃତ୍ୟ, ସଂଗୀତ, ଘଣ୍ଟ ଘଣ୍ଟା ଆଉ ମାଦଳର ମଙ୍ଗଳମୟ ଧ୍ୱନିରେ ମନ ଚାଲିଯାଏ ବହୁବର୍ଷ ତଳର ସେଇ ଅଭୁଲା ଅତୀତକୁ। ସେତେବେଳେ ମୁଁ ମାମୁ ଘରେ ରହି ପାଠପଢୁଥିଲି। ଆମ ଘର ପାଖରେ ଦୁର୍ଗାଙ୍କର ଦୁଇଟି ମେଢ ହେଉଥିଲା। ଆମ ସାହିରେ ଯେଉଁ ପୂଜା ହେଉଥିଲା ତାହା ଖୁବ୍ ଚମତ୍କାର ଥିଲା। ଷଷ୍ଠୀ ଦିନରୁ ପୂଜାର ଆରମ୍ଭ ହୋଇଥାଏ। ସେତେବେଳେ ନା ଥିଲା ଏତେ ସବୁ ରଙ୍ଗର ନେଲ୍‌ପଲିସ୍ ନା ହେଉଥିଲା ନେଲ୍ ଆର୍ଟ। ମେହେନ୍ଦୀର ଏତେ ଚମତ୍କାର ଡିଜାଇନ୍ ବା ଲଗାଇବାର ଶୈଳୀ ବି ଜଣା ନ ଥିଲା। ତେଣୁ ମା'ଙ୍କୁ ସ୍ୱାଗତ ଜଣାଇବା ଲାଗି ଆମେ ମଞ୍ଜୁଆତି ଲଗାଇବାକୁ ତତ୍ପର ହୋଇପଡୁଥିଲୁ। ହାତ ଓ ନଖ ଲାଲ୍ କରିବାକୁ ପ୍ରବଳ ଆଗ୍ରହ। ଆମେ ମଞ୍ଜୁଆତି ପତ୍ର ତୋଳିଆଣି ତାକୁ ବାଟୁଥିଲୁ। ସେ ବଟାରେ ଖଇର ମିଶାଇଲେ ଖୁବ୍ ଲାଲ୍ ରଙ୍ଗ ହେଉଥିଲା। ଲୁହା କରେଇରେ ମଞ୍ଜୁଆତି ପତ୍ର ଖଇର ଓ କଫି ମିଶାଇ ବାଟି ତାକୁ କିଛି ସମୟ ରଖିଲେ ଖୁବ୍ ଲାଲ୍ ରଙ୍ଗ ହୋଇଯାଉଥିଲା। ତା'ପରେ ଜଣେ ଝିଅ ବସି ସମସ୍ତଙ୍କୁ ମଞ୍ଜୁଆତି ଲଗାଉଥିଲା। ପ୍ରାୟ ୨-୩ ଘଣ୍ଟା ପରେ ଶୁଖିଗଲେ ଆମେ ହାତ ଆଉ ନଖରୁ ମଞ୍ଜୁଆତି ଛଡ଼ାଇଲା ପରେ ଅଧିକ ଲାଲ୍ ହେବା ଲାଗି ନଡ଼ିଆ ତେଲ ବୋଳି ଦେଉଥିଲୁ। ଖାଲି ଏତିକି ନୁହେଁ, କାହାର କେତେ ଲାଲ୍ ରଙ୍ଗ ହୋଇଛି ଦେଖୁଥିଲୁ। ଏବେବି ମନେ ଅଛି ଥରେ ଥରେ ରଙ୍ଗ ଗାଢ଼ ନ ହୋଇଥିଲେ କେହି ଯେମିତି ନ ଦେଖନ୍ତି ଲୁଚେଇ ଲୁଚେଇ ଆଉଥରେ ମଞ୍ଜୁଆତି ବଟା ଲଗାଇ ଦେଉଥିଲୁ। ହାତରୁ ସେ ରଙ୍ଗ ଯଦିଓ କିଛି ଦିନରେ ଚାଲିଯାଉଥିଲେ ହେଲେ ନଖରୁ ଆଉଥରେ ସମ୍ପୂର୍ଣ୍ଣ ନୂଆ ନଖ ଆସିବା ପର୍ଯ୍ୟନ୍ତ ଧୀରେ ଧୀରେ ଯାଉଥିଲା। ସେଦିନର ସେ ପରମ୍ପରା ଆଉ ନାହିଁ। ଏବେ ବି ଦୁର୍ଗା ପୂଜା ଅଛି, ଝିଅମାନେ ମେହେନ୍ଦୀ ଲଗାଉଛନ୍ତି ହେଲେ ସେଥିରେ ସେ ବେଳର ରଙ୍ଗ, ସେ ଉଲ୍ଲାସ, ସେ ଆନନ୍ଦ , ସେ ମାଦକତା କାହିଁ?

**ଦେବୀଙ୍କ ପସନ୍ଦ ନାଲି ରଙ୍ଗ: ଲକ୍ଷ୍ମୀ ଚାନ୍ଦ(ଭୁବନେଶ୍ୱର):** କେଜାଣି କାହିଁକି ଆଶ୍ୱିନ ମାସ ଆସିଲେ ଦେହରେ ଏକ ନୂତନ ଶିହରଣ ଖେଳିଯାଏ। ମନ ଉଚ୍ଚାଟିତ ହୁଏ। ଦଶହରା ପାଇଁ କି? ଜାଣେନା। ତେବେ କିଛି ତ ହୁଏ। କିନ୍ତୁ ସେହି ଉଚ୍ଚାଟ ପିଲାବେଳେ ଆହୁରି ଅଧିକ ଥିଲା। ପଞ୍ଚମୀ ଦିନଠୁ ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଉଥିଲା। ଚାରିଆଡେ ଗହଳ ଚହଳ ଲାଗିରହୁଥିଲା। ମାଆ ଆମ ଚାରି ଭଉଣୀଙ୍କୁ ବାରମ୍ବାର ହାତ, ନଖ ପଚାଇବାକୁ କହୁଥିଲା। ସେଥିପାଇଁ ପୂର୍ବରୁ ଆମେ ମଞ୍ଜୁଆତି ପତ୍ର ବାଟିକି ରଖୁଥିଲୁ। କେହି କେହି ହରଗୌରା ଫୁଲ ବଟା କିମ୍ବା ଚା-ଚିନିକୁ ପୋଡ଼ି ମଧ୍ୟ ସେଥିରେ ହାତ ରଙ୍ଗାଉଥିଲେ। ଥରେ ମାଆକୁ ପଚାରିଥିଲି -କାହିଁକି ଷଷ୍ଠୀ ଦିନ ହିଁ ହାତ ଓ ନଖକୁ ରଙ୍ଗା ହୁଏ? ମାଆ କହିଥିଲା ଦେବୀ ଆସିବେ ପରା, ନାଲି ରଙ୍ଗ ଲଗେଇ ତାଙ୍କୁ ଆବାହନ କରାଯାଏ। -ହେଲେ ନାଲି ରଙ୍ଗ କାହିଁକି?

-ନାଲି ରଙ୍ଗ ପରା ଦେବୀଙ୍କୁ ଭାରି ପସନ୍ଦ। ତାଙ୍କୁ ସମ୍ମାନ ଦେଖେଇବାକୁ ହାତ ନଖ ରଙ୍ଗ କରାଯାଏ। ଯା ଯଦି ହାତ, ନଖ ରଙ୍ଗେଇ ସାରିଲୁ ଦାଣ୍ଡ କାନ୍ଥର ଦୁଇପାଖରେ ବଡ଼ ଫୁଲ ଦୁଇଟା ଆଙ୍କି ନାଲି ରଙ୍ଗ ଦେଇଦେବୁ। ମୁଁ ରାଉଣ୍ଡର ଧରି ଦଉଡ଼େ। ଏବେ ଏ କଥା କହିଲେ ଆଜିକା ପିଲା ହସି ହସି ଗଡ଼ିଯିବେ। ବଡ଼ ବଡ଼ ନଖରେ ନିଜ ଡ୍ରେସ ସହ ମ୍ୟାଚିଂ କରି ନେଲପୋଲିସ ଲଗାଉଥିବା ହାତରେ କ'ଣ ସେଦିନର ମଞ୍ଜୁଆତି, ଚା-ଚିନି କି ହରଗୌରାର ରଙ୍ଗ ଶୋଭା ପାଇବ? ମୋର ଝିଅ ଥିଲେ ସିଏ ବି ଏକଥା ଶୁଣି ହସିଥାନ୍ତା। ମୁଁ ନିର୍ବାକ ହୋଇ ତା' ନଖର ବିଭିନ୍ନ ରଙ୍ଗକୁ ଦେଖୁଥାଏ। ଜାଣିପାରିଲିନି ଏତେ ସୁନ୍ଦର ପ୍ରଥା ସବୁ କେତେ ଶୀଘ୍ର ଲୋପ ପାଇଗଲା। ଆଧୁନିକତାର ଦ୍ୱାହି ଦେଇ ଆମେ କେଉଁଦିଗକୁ ଗତି କରୁଛେ? ପୂଜା ପାର୍ବଣରେ ଭକ୍ତି ଦୂର କଥା, କିଏ ନିଜକୁ ଅନ୍ୟ ସାମ୍ନାରେ କେତେ ଉପସ୍ଥାପନା କରିପାରୁଛି ତା'ର ପ୍ରତିଯୋଗିତାରେ ସମସ୍ତେ ଏବେ ବ୍ୟସ୍ତ। ପୁରୁଣା ଅନୁଭୂତି ସାଉଁଟିବା ଭିତରେ ହଠାତ୍ ମନେ ପଡ଼ିଲା ମା' ଧରାବତରଣ କଲେଣି। ଦୌଡ଼ି ଯାଇ କିଛି ରଙ୍ଗ ନ ପାଇବାରୁ ଅଳତା ଆଣି କାନ୍ଥରେ ଦୁଇଟା ଫୁଲ ଆଙ୍କିବାକୁ ଲାଗିଲି। ଦେବୀଙ୍କ ନାଲି ରଙ୍ଗ ପସନ୍ଦ ପରା।



ଡା. ସରୋଜିନୀ ଷଡଙ୍ଗୀ



ଲକ୍ଷ୍ମୀ ଚାନ୍ଦ



ଉଷାରାଣୀ ମହାନ୍ତି

**ହଜିଗଲାଣି ସେ ପରମ୍ପରା: ଉଷାରାଣୀ ମହାନ୍ତି(ଗଡ଼ ମହାବୀର ବିହାର, ଭୁବନେଶ୍ୱର):** ଦୁଷ୍ଟ ନିବାରି ସନ୍ଥ ପାଳନ ନିମନ୍ତେ ମା' ଆବିର୍ଭୂତା ହୁଅନ୍ତି। ପ୍ରକୃତି ସଜାଇ ହୋଇଯାଏ ମା'ଙ୍କ ଆବାହନ ପାଇଁ ଶରତର ଶୁଭ୍ର ତୋଫା ଜହ୍ନରେ। କାଶତଣ୍ଡିର ମନଲୋଭା ଦୃଶ୍ୟ, କାକର ଗାଧୁଆ ଧରଣୀ ରାଣୀର ସବୁଜ ବନାନୀ ସତେ ଯେମିତି ଗାଁରୁ ସହର ପାର୍ବଣ ମୁଖର କରିଦିଏ। ଆମ ଓଡ଼ିଶାର ପ୍ରତ୍ୟେକ ଦେବୀ ପୀଠ ଚଳଚଞ୍ଚଳ ହୋଇଉଠେ। ଦୀର୍ଘ ପଚାଶ ବର୍ଷ ତଳର ମୋ ପିଲାବେଳର କଥା ମନେ ପଡ଼ିଲେ ଲାଗୁଛି ସମୟ ବଦଳିଛି। ଜନ ମାନସରେ ଆଉ ସେ ନିଷ୍ଠା ବା ନୈବେଦ୍ୟ ନାହିଁ। ପୂଜାର ଆଗମନୀରେ ମନ ଭିତରେ ଯେଉଁ ଆଗ୍ରହ ଓ ଉତ୍କଣ୍ଠା ଥିଲା ତାହା ଏବେ ନାହିଁ। ମାଟି କାନ୍ଥକୁ ଗାଈ ଗୋବରରେ ଲିପି ତା' ଉପରେ ଦଶ ରଙ୍ଗ ଦେଇ ପଦ୍ମ, ଓଲଟା ପଦ୍ମ, ଗଛ ଲତା ଇତ୍ୟାଦି ଆଙ୍କିବାକୁ ଗ୍ରାମ୍ୟ ଝିଅ ବୋହୂଙ୍କ ମନରେ ଯେଉଁ ପ୍ରତିଯୋଗିତା ମନୋଭାବ ତାହା ଆଜିକାଲି କାହିଁ। ସେତେବେଳେ ଆମେ ଝିଅବୋହୂମାନେ ଏକାଠି ହୋଇ ମଞ୍ଜୁଆତି ପତ୍ର, ହରଗୌରା ଫୁଲ ବାଟି ହଳଦୀ, ଖଇର ଇତ୍ୟାଦି ମିଶେଇ ହାତ ପଚେଇବାରେ ଲାଗିପଡୁଥିଲୁ। ଶୁଖିବା ପର୍ଯ୍ୟନ୍ତ ହାତକୁ ସେମିତି ଟେକି ଟେକି ଲୁଡୁ, ତାସ୍ ଖେଳିବାର ମଜା ନେବାଠୁ ଆରମ୍ଭ କରି ଛୋଟଭାଇମାନେ ହାତକୁ ବୋଳି ଦେବେ ବୋଲି ଆମ ପଛରେ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ମାଡ଼ ଖାଇବା ପର୍ଯ୍ୟନ୍ତ ସବୁ ମନେଅଛି। ଆମେ ବାଡୁଅ ଝିଅମାନେ ମଞ୍ଜୁଆତି ଲାଗି ସାରିବା ପରେ କାହାର କେତେ ନାଲି ହୋଇଛି ଦେଖୁଥିଲୁ। କାରଣ ବିଶ୍ୱାସ ଥିଲା ଯେ, ''ଯା' ହାତ ଯେତେ ଲାଲ୍, ତା' ବର ସେତେ ଭଲ''। କେବଳ ଏତିକି ନୁହେଁ, କୁଆଁରୀ ଝିଅମାନେ ପ୍ରତିଦିନ ସନ୍ଧ୍ୟାରେ ଜହ୍ନିଫୁଲ ତୋଳି ଭାଇମାନଙ୍କ ଶୁଭ ମନାସି ଚଉରା ମୂଳରେ ପୂଜା କରନ୍ତି। ଘରେ ଘରେ ମା'ଙ୍କ ପୂଜାର୍ଚ୍ଚନା ପାଇଁ ଦଶପ୍ରକାର ଫୁଲ, ଦଶ ପ୍ରକାର ଫଳ, ଦଶ ପ୍ରକାର ପୂରଦିଆ ମଣ୍ଡା ଲାଗିଥାଏ। ପ୍ରତ୍ୟେକ ପରିବାର ଉତ୍ସବ ମୁଖର ଥାଏ। ଏବେ ପୂଜାର ସେ ପରମ୍ପରା ଧୀରେ ଧୀରେ ଜନମାନସରୁ ହଜିଗଲାଣି।

– ପୌର୍ଣ୍ଣମାସୀ



ଖାଦ୍ୟରୁଚି

# ଡେଟ୍ ପାନ୍‌କେକ୍

**ଆବଶ୍ୟକ ସାମଗ୍ରୀ :** ଅଟା- କପ୍‌ର ଏକ ଚତୁର୍ଥାଂଶ, ଖାଇବା ସୋଡ଼ା-୧ ଛୋଟ ଚାମଚ,
ପାଣି-୧ କପ୍, ଅଣ୍ଡା କେଶର- ୪ଟି, ଚିନି-୧ ବଡ ଚାମଚ, ମଞ୍ଜି ନ ଥିବା ଖଜରା -ଅଧା କପ୍, ତେଲ-ଆବଶ୍ୟକ ପରିମାଣ, ଅଳ୍ପ ଗୁଜୁରାତି ଗୁଣ୍ଡ।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ପାତ୍ରରେ ଖାଇବା ସୋଡ଼ା, ଅଟା, ଚିନି ଏବଂ ଅଣ୍ଡା କେଶର ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ଏବେ ସେଥିରେ ଧୀରେ ଧୀରେ ପାଣି ଢାଳି ବହଳିଆ ହେବା ପର୍ଯ୍ୟନ୍ତ ଗୋଳାନ୍ତୁ। ମିଶ୍ରଣକୁ ଅଧ ଘଣ୍ଟା ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ। ଏବେ ଏକ ପ୍ୟାନ୍‌କୁ ଗରମ କରି ସେଥିରେ ଦୁଇ ଚାମଚ ଲେଖାଏ ମିଶ୍ରଣକୁ ପକାଇ କେକ୍ ଆକୃତିର କରନ୍ତୁ। ଏପଟେ ଖଜରାକୁ ଗ୍ରାଇଣ୍ଡ କରି ଅଳ୍ପ ତେଲରେ ମିଶାଇ ଦିଅନ୍ତୁ। ଏହାକୁ ଏବେ ନେଇ ପ୍ୟାନ୍‌ରେ ବସିଥିବା କେକ୍ ଉପରେ ପକାଇ କିଛି ସମୟ ପାଇଁ ଘୋଡ଼ାଇ ଦିଅନ୍ତୁ। ବାଦାମୀ ରଙ୍ଗ ଆସିବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ଏହାକୁ ପ୍ଲେଟ୍‌ରେ କାଢି ଅଳ୍ପ ଗୁଜୁରାତି ଗୁଣ୍ଡ ପକାଇ ପରଷି ଦିଅନ୍ତୁ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ୧୨ ଅକ୍ଟୋବର, ୨୦୨୧ Sambalpur, Tuesday, October 12/2021

## ସଂକ୍ଷେପରେ

### ତିନିଲକ୍ଷ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ଖପ୍ରାଖୋଲ, ୧୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ହରିଶଙ୍କର ଛକ ନିକଟରେ ସୋମବାର ଜଣେ କିଓସ୍କ ବ୍ୟାଙ୍କ ଚାଳକ ଲୁଟ୍‌ର ଶିକାର ହୋଇଛନ୍ତି। ଚାରିଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ଆସି ତାଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟିନେଇଥିବା ଋଷି କୁମାର ବେହେରା ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ଖପ୍ରାଖୋଲ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ସେ ତାଙ୍କ କିଓସ୍କ ବ୍ୟାଙ୍କ ପରିଚାଳନା କରିବା ପାଇଁ ତିନିଲକ୍ଷ ଟଙ୍କା ଉଠାଣ କରି ଅପରାହ୍ଣରେ ନିଜ ବାଇକରେ ନାନ୍ଦୁପଲାସ୍ଥିତ ନିଜ ଘରକୁ ଫେରୁଥିଲେ। ବେହେରାଙ୍କୁ ପିଛା କରୁଥିବା ଦୁର୍ବୃତ୍ତମାନେ ତାଙ୍କ ଆଗକୁ ଯାଇ ଗାଡି ଅଟକାଇ ଥିଲେ। ସେ ଅଟକିବା ପରେ ତାଙ୍କ ମୁହଁକୁ ମୁଥ ମାରିଥିଲେ। ପରେ ସେ ବ୍ୟାଗରେ ରଖିଥିବା ଟଙ୍କା, ଚେକବହି ଓ ଅନ୍ୟାନ୍ୟ କାଗଜପତ୍ର ଛଡାଇ ନେଇ ଗୁଣ୍ଡୁରୁପାଲି ରାସ୍ତା ପଟ ଦେଇ ଦ୍ରୁତ ଗତିରେ ପଳାଇ ଯାଇଥିବା ବେହେରା ପ୍ରକାଶ କରିଛନ୍ତି । ଏନେଇ ଥାନାରେ ଏକ ମାମଲା(ନଂ.୧୫୨/୨୧)ରୁଜୁ ହୋଇଛି। ଲୁଟେରାଙ୍କୁ ଧରିବାକୁ ତନାଘନା ଚାଲିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି ।

### ଗ୍ୟାସ୍ ଲିକ୍‌ରୁ ହୋଟେଲରେ ଅଗ୍ନିକାଣ୍ଡ

**ରାଉରକେଲା ଅଫିସ୍, ୧୧।୧୦:** ରାଉରକେଲା ରେଲୱେ ଷ୍ଟେଶନ ସମ୍ମୁଖ କ୍ରସ୍ ରୋଡ୍ ମଲ ନିକଟରେ ଥିବା ଏକ ହୋଟେଲରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ହୋଟେଲର ବହୁ ଆସବାବପତ୍ର ଜଳିଯାଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିବାରୁ ଏକ ବଡଧରଣର ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିଛି । ଗ୍ୟାସ୍ ସିଲିଣ୍ଡରରେ ଲିକ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଅଗ୍ନିକାଣ୍ଡ ବେଳେ ଲୋକମାନ ଏଣେତେଣେ ଦୌଡ଼ି ପଳାଇଥିଲେ ।

# ଡକାୟତି ଉଦ୍ୟମ ବେଳେ ୩ ଗିରଫ

- ୩ ବନ୍ଧୁକ, ୫୫ ଅଫୁଟା ଗୁଳି, ୪ ବମ୍ ଜବତ
- ସେକ୍ଟର-୧୯ରେ ଫାଙ୍କା ଗୁଳିଚାଳନା କରିଥିଲେ
- ବଶିଷ୍ଟ ଓ ଅମିତଙ୍କ ନାଁରେ ରହିଛି ଏକାଧିକ ମାମଲା

**ରାଉରକେଲା ଅଫିସ,୧୧।୧୦**

ରାଉରକେଲା ସହରରେ ଡକାୟତି ଉଦ୍ୟମ କରୁଥିବା ବେଳେ ରଘୁନାଥପାଲି ଥାନା ପୋଲିସ ରବିବାର ରାତିରେ ଚଢାଉ କରି ୩ ଜଣ ଡକାୟତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୨ର ବଣ୍ଟି ଓରଫ୍ ବଶିଷ୍ଟ ମହାନ୍ତି(୨୨), ସେକ୍ଟର-୧୯ର ରନି ଓରଫ୍ ଯଜ୍ଞାଶିଷ ସ୍ୱାଇଁ(୨୭) ଏବଂ ସିଭିଲଟାଉନସିପ୍‌ର ଅମିତ କୁମାର ସାହୁ(୩୨)। ସେମାନଙ୍କଠାରୁ ୬ଟି ମୋବାଇଲ ସହ ୩ଟି ବନ୍ଧୁକ, ୫୫ଟି ଅଫୁଟା ଗୁଳି ଓ ୪ଟି ବମ୍, ୫୦ ହଜାର ନଗଦ ଟଙ୍କା, ଗୋଟିଏ ସ୍କୁଟି, ବାଇକ୍ ସହ ଏକ କାର୍ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରାଉରକେଲା ସ୍ୱତନ୍ତ୍ର କାରାଗାରକୁ ପଠାଇ ଦିଆଯାଇଛି। ଏ ନେଇ ରଘୁନାଥପାଲି ଥାନାରେ ଏକ ମାମଲା (ନଂ.୧୭୯/୨୧) ରୁଜୁ କରି ତଦନ୍ତ ଅଧିକ ଚାଲିଥିବା ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ନିଜ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି ଭାମୁ କହିଥିଲେ ଯେ, ଉକ୍ତ ୩ ଅଭିଯୁକ୍ତ ରାଉରକେଲା ସହରର ବିଭିନ୍ନ ବ୍ୟବସାୟୀ ଓ ସିଭିଲଟାଉନସିପ୍ ଅଞ୍ଚଳରେ ରହୁଥିବା ଶିଳ୍ପପତିଙ୍କଠାରୁ ଲଟ୍ ପାଇଁ ଯୋଜନା କରୁଥିଲେ। ଅଭିଯୁକ୍ତମାନେ ଗତ ୯ ତାରିଖରେ ସେକ୍ଟର-୧୯ ସ୍ଥିତ ମୁଣ୍ଡା ମାର୍କେଟରେ ବ୍ୟବସାୟୀଙ୍କୁ ଡରାଇବା ପାଇଁ ଫାଙ୍କା ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ଏହି ଘଟଣା ପରେ ପୋଲିସ ତନାଘନା କରୁଥିଲା। ଗତ ରବିବାର ରାତିରେ ଉକ୍ତ ଡକାୟତମାନେ ସିଭିଲଟାଉନସିପ୍ ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିଲେ। କୌଣସି ବିଶେଷ ସୂତ୍ରରୁ ଖବର ପାଇ ରଘୁନାଥପାଲି ପୋଲିସ ଚଢାଉ କରି ୩ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ବଶିଷ୍ଟଙ୍କ ନାମରେ ପୂର୍ବରୁ ବିସ୍ରା, ସେକ୍ଟର-୩ ଏବଂ ରଘୁନାଥପାଲି ଥାନାରେ ଏକାଧିକ ଅପରାଧିକ ମାମଲା ରହିଛି। ସେହିପରି ଅମିତଙ୍କ ନାମରେ ଉଦିତନଗର ଥାନାରେ ଠକେଇ ଓ ଛିନ୍‌ତାଇ ଭଳି ମାମଲା ରହିଥିବା ଏସ୍‌ପି ଭାମୁ କହିଛନ୍ତି।




୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଉଛି। ଜବତ ବନ୍ଧୁକ, ଗୁଳି ଏବଂ ଅନ୍ୟ ସାମଗ୍ରୀ।

## ଲାଞ୍ଚନେଇ ବନବିଭାଗ କନିଷ୍ଠ କିରାଣି ଗିରଫ



ଶ୍ରୀକାନ୍ତ ହୋତା।

**ସୁନ୍ଦରଗଡ଼,୧୧।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଡିଏଫ୍‌ଓ ଅଫିସ୍‌ର କନିଷ୍ଠ କିରାଣି ଶ୍ରୀକାନ୍ତ ହୋତା ସୋମବାର ଜଣେ ବ୍ୟକ୍ତିଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଭିଜିଲାନ୍ସ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କିଞ୍ଜିରିକେଲା ଦେଓଭବନପୁର ଗ୍ରାମର ପାତ୍ରାସ ବାର୍ଲା ନାମକ ଜଣେ ବ୍ୟକ୍ତିଙ୍କ ବାପା ଭର ଓରଫ ନାଇଡୁ ୨୦୧୯ରେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନର ବ୍ୟବସ୍ଥା ଅଛି। ଏଥିପାଇଁ କିରାଣି ହୋତା କ୍ଷତିପୂରଣ ରାଶି ମଞ୍ଜୁର ପାଇଁ ପାତ୍ରାସଙ୍କୁ ୧୦ହଜାର ଟଙ୍କା ଦାବିକରି ହଇରାଣ କରୁଥିଲେ। ପାତ୍ରାସ ଏ ସମ୍ପର୍କରେ ସ୍ଥାନୀୟ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ କିରାଣି ହୋତା ତାଙ୍କଠାରୁ ଏହି ଟଙ୍କା କାର୍ଯ୍ୟାଳୟରେ ନେଉଥିବା ସମୟରେ ସେଠାରେ ଛପି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କଠାରୁ ରାସାୟନିକ ପ୍ରଲେପ ଦିଆଯାଇଥିବା ଏହି ଟଙ୍କା ଜବତ କରିଥିଲେ। ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଅଭୟ ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଏହି ଚଢ଼ାଉରେ ସାମିଲ ଥିଲେ।

## ଭିନ୍ନକ୍ଷମ ବାଳକ ଜୀବନ୍ତ ଦଗ୍ଧ

**ସଇଁତଲା, ୧୧।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଘୁନସର ଗାଁରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଭିନ୍ନକ୍ଷମ ବାଳକ ନିଆଁରେ ପୋଡି ଯିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଘୁନସର ଗାଁର ଲେଖା ରଣାଙ୍କ ପୁଅ ଟିକେଶ୍ୱର ରଣା (୧୫)। ଟିକେଶ୍ୱର କଥା କହିପାରନ୍ତି ନାହିଁ। ଏହା ସହିତ ଅସୁସ୍ଥତା କାରଣରୁ ସେ ଦୀର୍ଘ ବର୍ଷ ହେଲା ଶଯ୍ୟାରେ ପଡି ରହିଥିଲେ। ପ୍ରତିଦିନ ଭଳି ସୋମବାର ମଧ୍ୟ ଟିକେଶ୍ୱରଙ୍କ ମାତାପିତା କାମ କରିବାକୁ ବାହାରକୁ ଚାଲିଯାଇଥିଲେ। ଏହି ସମୟରେ ଟିକେଶ୍ୱର ଏକାକୀ ଖଟରେ ଥିଲେ। ତେବେ କୌଣସି କାରଣରୁ ଘରେ ନିଆଁ ଲାଗିଯିବାରୁ ସେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଖବର ପାଇ ସଇଁତଲା ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ରାଉରକେଲା ଅଫିସ୍, ୧୧।୧୦**

ଜଲଦା ଫାଣ୍ଡି ଅଞ୍ଚଳରେ ଜଣେ ନାବାଳିକା (୧୩)ଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ପୀଡିତାଙ୍କ ପରିବାର ଲୋକେ ଜଲଦା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗାଁରେ ପର୍ବ ଥିବାରୁ ନାବାଳିକା ଜଣଙ୍କ ଉକ୍ତ ଗ୍ରାମର ଜଣଙ୍କ ଘରକୁ ନାଚ ଶିଖିବା ପାଇଁ ଯାଉଥିଲେ। ସେଠାରେ ଜଣେ ଯୁବକ ତାଙ୍କୁ ଧମକ ନେଇ ଜୋର ଜବରଦସ୍ତ ବଳାତ୍କାର କରିଆସୁଥିଲେ। ଶେଷରେ ବାଧ୍ୟ ହୋଇ ନାବାଳିକା ଜଣଙ୍କ ଘରେ ସବୁ କଥା କହିବାରୁ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## କଫ୍ ସିରପ୍ ସହ ବୋଲେରୋ ଜବତ



**ପଦ୍ମପୁର,୧୧।୧୦(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର-ବସନା ରାସ୍ତାର ସତୀଭଟାଠାରେ ରବିବାର ଅପରାହ୍ଣ ସାଢେ ୧ଟାରେ ପଦ୍ମପୁର ପୋଲିସ ଚଢାଉ କରି ଏକ ନମ୍ବର ବିହୀନ ବୋଲେରୋ ଏବଂ ସେଥିରେ ଥିବା ୩୯୨୦ ବୋତଲ କଫ୍ ସିରପ୍ ଜବତ କରିଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୨୨୯/୨୧) ରୁଜୁ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ନିଶା ବ୍ୟବସାୟୀଙ୍କୁ ଧରିବା ପାଇଁତନାଘନା ଚାଲିଥିବା ପଦ୍ମପୁର ଥାନା ଆଇଆଇସି ରାଜେନ୍ଦ୍ର କୁମାର ସିଆଲ କହିଛନ୍ତି।

## ମହୁମାଛି ଆକ୍ରମଣରେ ବାପ ଝିଅ ମୃତ

**ରାଜଗାଙ୍ଗପୁର, ୧୧।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ପାନପୋଷ ପଞ୍ଚାୟତ ଗଡ଼ଧରସା ଜଙ୍ଗଲରେ ରବିବାର ମହୁମାଛି ଆକ୍ରମଣରେ ବାପ ଝିଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପାନପୋଷ ପଞ୍ଚାୟତ ଗଉଡିଆପଡ଼ାର ଗୁରୁଚରଣ ବାନଛୋର (୬୫) ଏବଂ ତାଙ୍କ ବିବାହିତା ଝିଅ ମୀନା ଗଡ଼ତିଆ (୪୦)। ପୂର୍ବାହ୍ନ ୧୦ଟାବେଳେ ବାପ ଝିଅ ନିକଟସ୍ଥ ଗଡ଼ଧରସା ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ଏହି ସମୟରେ ଜଙ୍ଗଲରେ ହୋଇଥିବା ମହୁବସାରୁ ମହୁମାଛି ବାହାରି ଆକ୍ରମଣ କରିଥିଲେ। ବାପ ଝିଅ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ କିଛି ବାଟ ଯାଇ ପଡ଼ିଯାଇଥିଲେ। ଦୂରରେ ଥିବା ଅନ୍ୟ ଲୋକମାନେ ଏହା ଦେଖି ବାପଝିଅଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଉଭୟଙ୍କୁ ଚିକିତ୍ସା ଲାଗି ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଇଥଲା। ଗୁରୁଚରଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ମୀନାଙ୍କ ମୃତ୍ୟୁ ଘଟିଥିଲା। ସୋମବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲା ପଛୁଆବର୍ଗ ପକ୍ଷରୁ ପ୍ରତିବାଦ ସଭା, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା
- ପାଟଣେଶ୍ୱରୀଙ୍କ ମହାଗୌରୀ ଓ ସୁନା ବେଶ, କମଳି ବଜାର ମନ୍ଦିର, ଅପରାହ୍ନ ୩ଟାରୁ ରାତି ୭ଟା।
- ଭାଇ ଜୁଇଁନ୍ତିଆ ବ୍ରତ, ବିଭିନ୍ନ ଦେବୀ ପୀଠ, ରାତି ୭ଟା।
- ଖଣ୍ଡାଧୂଆ ପୂଜାର୍ଚ୍ଚନା, ମହାନଦୀ ମଚ୍ଛିନ୍ଦ୍ର ଘାଟ, ରାତି ୭ଟା

## ସଂକ୍ଷେପରେ

### ମାରୱାଡି ସମାଜ ପକ୍ଷରୁ ଅଗ୍ରସେନ ଜୟନ୍ତୀ

ଦେବଗଡ଼, ୧୧।୧୦(ଡି.ଏନ୍.ଏ.)-ସ୍ଥାନୀୟ ଅଗ୍ରସେନ ଭବନ (ମାରୱାଡି ଧର୍ମଶାଳା)ଠାରେ ଦେବଗଡ଼ ମାରୱାଡି ସମାଜ ପକ୍ଷରୁ ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାରୱାଡି ସମାଜର ବହୁ ବୟସ୍କ ଓ କନିଷ୍ଠ ସଦସ୍ୟ ଉପସ୍ଥିତ ରହି ଅଗ୍ରସେନ ଜୀ ମହାରାଜ ଓ ମାତା ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେହିପରି ସମାଜର କଲ୍ୟାଣ ନିମନ୍ତେ ଅଗ୍ରୱାଲା ପରିବାର ପକ୍ଷରୁ ସ୍ୱର୍ଗତଃ ଦୁଲିଚାନ୍ଦ ଅଗ୍ରୱାଲା ଓ ଚମେଲୀ ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାରୱାଡି ସମାଜ ପକ୍ଷରୁ ମାରୱାଡି ଯୁବାମଞ୍ଚକୁ ଏକ ଅକ୍ସିଜେନ କନସେଂଟ୍ରେଟର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାରୱାଡି ଯୁବାମଞ୍ଚର ସଭାପତି ମନିଷ ଅଗ୍ରୱାଲାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ଆଘାତରେ ହେଲପରଙ୍କ ମୃତ୍ୟୁ: ରାସ୍ତାରୋକୋ

ଦେବଗଡ଼/ରିଆମାଳ,୧୧।୧୦ (ଡି.ଏନ୍.ଏ.)-କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ଗୋଡ଼ାମାଳ ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ବିଦ୍ୟୁତ୍ ବିଭାଗ ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ୨୦ଲକ୍ଷ ଟଙ୍କା କ୍ଷତି ପୂରଣ ଦାବିରେ ସୋମବାର ଅପରାହ୍ନରେ ଗ୍ରାମବାସୀ ମୃତଦେହ ରଖି ବୁଢ଼ାପାଳ ଗ୍ରୀଡ଼ ସମ୍ମୁଖରେ ରାସ୍ତାରୋକୋ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପଲସମା ଗ୍ରାମର ପ୍ରଭାତ ପ୍ରଧାନ ରବିବାର ସନ୍ଧ୍ୟାରେ ଗୋଡ଼ାମାଳ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ସଜାଡୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ପ୍ରଥମେ ଛେଣ୍ଡିପଦା ଓ ପରେ ଅନୁଗୋଳ ଡାକ୍ତରଖାନା ନେଉଥିବା ବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ ଶରୀର ଗାଁକୁ ଫେରିବା ପରେ ପରିବାର ଲୋକ ଓ ଗ୍ରାମବାସୀ ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା ପ୍ରଦାନ ଦାବିରେ ବୁଢ଼ାପାଳ ଗ୍ରୀଡ଼ ସବଷ୍ଟେସନ ସମ୍ମୁଖରେ ରାସ୍ତାରୋକୋ ଆରମ୍ଭ କରିଥିବା ଜଣାପଡିଛି। କୁଣ୍ଢେଇଗୋଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବାବେଳେ ଗ୍ରାମବାସୀ ସେମାନଙ୍କ ଜିଦରେ ଅଟଳ ରହି କ୍ଷତିପୂରଣ ଦାବିକରି ଆନ୍ଦୋଳନ କରୁଥିବା ଜଣାପଡିଛି।

### ଟ୍ରେଲର ଧକ୍କାରେ ବାଇକ ଆରୋହୀ ମୃତ: ରାସ୍ତାରୋକୋ

ଲହୁଣୀପଡ଼ା,୧୧।୧୦(ଡି.ଏନ.ଏ.)-ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୨୧୫ ନମ୍ବର ଜାତୀୟ ରାଜପଥ ବାନ୍ଦୁପଡା ଗ୍ରାମ ନିକଟରେ ରବିବାର ବିଳମ୍ବିତ ରାତ୍ରିରେ ଟ୍ରେଲର ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। କେ ବଲାଙ୍ଗ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ ବାନ୍ଦୁପଡା ଗ୍ରାମର ନବୀନ କିଷାନ (୩୪) ବାଇକ ଓଡ଼ି ୧୪ଏମ୍ ୯୪୪୯ ଯୋଗେ ତେନ୍ତୁଳି ଘାଟ ଗ୍ରାମକୁ ଯାଉଥିବା ବେଳେ ୨୧୫ ନମ୍ବର ଜାତୀୟ ରାଜପଥ ବାନ୍ଦୁପଡା ଗ୍ରାମ ନିକଟରେ ଏକ ଟ୍ରେଲର ଧକ୍କା ଦେଇଥିଲା। ଫଳରେ ନବୀନଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପ୍ରତିବାଦରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଖବରପାଇ କେ. ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ।

### ସୂଚନା ଅଫିସରେ ତାଲା ନେଇ ଅସନ୍ତୋଷ

କୁଚିଣ୍ଡା,୧୧।୧୦(ଡି.ଏନ.ଏ.): କୁଚିଣ୍ଡାସ୍ଥିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଫିସରେ ଦୀର୍ଘଦିନ ହେଲା ତାଲା ପଡିଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶାଙ୍କ ବଦଳି ପରେ ଉପଖଣ୍ଡ ମଙ୍ଗଳ ଅଧିକାରିଣୀ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ପାଠାଗାର ଓ ଅପରେଟର ଦାୟିତ୍ୱରେ ଥିବା ଗୋକୁଳ ମେହେରଙ୍କ ଅକାଳ ବିୟୋଗ ଓ ପିଅନ ଦିଲୀପ ସେନାପତିଙ୍କୁ ଉପଜିଲାପାଳ ଅଫିସକୁ ଡେପୁଟେଶନରେ ପଠାଯିବା କାରଣରୁ ସୂଚନା ଅଫିସଟି ଅଚଳ ହୋଇପଡିଛି। ଏଥିଯୋଗୁ ବିଭିନ୍ନ ଖବର କାଗଜରେ ପ୍ରକାଶ ପାଉଥିବା ଖବର କଟିଂ ହୋଇ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ବନ୍ଦ ହୋଇଯାଇଛି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

# ମତାନ୍ତର ଛାଡ଼ି ନେତୃତ୍ୱକୁ ଅନୁପାଳନ କର

**ସମ୍ବଲପୁର,୧୧।୧୦(ବ୍ୟୁରୋ):**



ଜିଲା ବିଜେଡି ବୈଠକରେ ମଞ୍ଚାସୀନ ଅତିଥି। ।

- ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ
- କର୍ମୀଙ୍କଠାରୁ ପରାମର୍ଶ ନେଲେ ୨ ମନ୍ତ୍ରୀ

ପାଖେଇ ଆସୁଛି ପଞ୍ଚାୟତ ନିର୍ବାଚନ। ସମୂହ ସ୍ୱାର୍ଥ ଦୃଷ୍ଟିରୁ କର୍ମୀ ଓ ନେତା ମତାନ୍ତର ଛାଡିବାକୁ ହେବ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୟନ କରିଥିବା ନେତୃତ୍ୱକୁ ମାନି ଦଳର ନିୟମ ଅନୁପାଳନ କର। ନ ହେଲେ ଦଳ ଓ ନିଜ ପାଇଁ ଶୁଭଙ୍କର ହେବନାହିଁ ବୋଲି ସୋମବାର ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ମତପ୍ରକାଶ ପାଇଥିଲା। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇ କର୍ମୀମାନଙ୍କଠାରୁ ପରାମର୍ଶ ନେଇଥିଲେ। ଜଣକ ପରେ ଜଣେ ନିଜସ୍ୱ ମତ ରଖିଥିଲେ।

ଜିଲାରେ ନେତୃତ୍ୱକୁ ନେଇ କର୍ମୀମାନେ ଅସନ୍ତୁଷ୍ଟ ଅଛନ୍ତି। ନେତୃତ୍ୱ ନିଜ ହିସାବରେ କାର୍ଯ୍ୟକ୍ରମ କରୁଛନ୍ତି। ଦଳୀୟ ନୀତିନିୟମ ପାଳନ କରାଯାଉ ନାହିଁ ବୋଲି ଅଭିଯୋଗ ଆସିଥିଲା। ଆଗକୁ ପଞ୍ଚାୟତ ନିର୍ବାଚନ। ଏକାଠି ହୋଇ କାମ କରିବାକୁ ହେବ। ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନା ଲୋକଙ୍କୁ ଅଗଗତ କରାଯାଉ। ଲୋକଙ୍କ ସମସ୍ୟା ସମାଧାନ କରି ଆସ୍ଥା ଭାଜନ ହେବା। ଏହା ଦଳ ଓ ସ୍ଥାନୀୟ ନେତାଙ୍କ ପାଇଁ ଲାଭଦାୟକ ହେବ। ଗତ ନିର୍ବାଚନ ଅପେକ୍ଷା ଆଗାମୀ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଯେପରି ଅଧିକ ସଂଖ୍ୟାରେ ବିଜୟୀ ହେବେ ସେ ନେଇ ଜିଲା ସ୍ତରରେ ରଣନୀତି କରାଯାଉ। ଏଥିରେ ବରିଷ୍ଠ, ଯୁବ, ଛାତ୍ର ବିଜେଡିକୁ ସାମିଲ କରାଯାଇ ମତ ନିଆଯାଉ ବୋଲି ଦୁଇ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲା ପର୍ଯ୍ୟବେକ୍ଷକ ନଳନୀକାନ୍ତ ପ୍ରଧାନ, ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର, ପୂର୍ବତନ ବିଧାୟକ ରମେଶ ପଟୁଆ, ରୀନା ତନ୍ତି ମଞ୍ଚାସୀନ ଥିଲେ। ଜିଲା ପର୍ଯ୍ୟବେକ୍ଷକ ପ୍ରଧାନ ଦଳୀୟ ପତାକା ଉତ୍ତୋଳନ କରି କାର୍ଯ୍ୟକାରିଣୀ ବୈଠକର ଶୁଭାରମ୍ଭ କରିଥିଲେ। ପୂର୍ବତନ ଜିଲା ସଭାପତି ଡ. ପ୍ରମୋଦ ରଥ, ରାଜ୍ୟସ୍ତରୀୟ ନେତୃବୃନ୍ଦ ସଞ୍ଜୟ ବାବୁ, ସଞ୍ଜିତ ମହାନ୍ତି, ସୈଲେଶ ଦାନି, ଭୁବନେଶ୍ୱର କିସାନ, ଗୋକୁଲ ମେହେର, ମନୋଜ ମହାପାତ୍ର, ହୀରାଲାଲ ବେହେରାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ନେତୃତ୍ୱ ଉପସ୍ଥିତ ରହି ମତ ରଖିଥିଲେ। ଜିଲା ପର୍ଯ୍ୟବେକ୍ଷକ ପ୍ରଧାନ କହିଛନ୍ତି, ନେତା ଓ କର୍ମୀଙ୍କ ମଧ୍ୟରେ ମତ ବିନିମୟ ବୈଠକର ଉଦ୍ଦେଶ୍ୟ ରହିଥିଲା। ବିଭିନ୍ନ ମତ ଆସିବା ପରେ ଆଲୋଚନା ହୋଇଛି। ଦଳ ପାଇଁ ସଭିଏଁ ଏକାଠି କାମ କରୁଛନ୍ତି। ଆଗାମୀ ନିର୍ବାଚନ ପାଇଁ ଆହୁରି ସଙ୍ଗଠିତ ହୋଇ କାମ କରିବାକୁ ମତପ୍ରକାଶ ପାଇଥିଲା। ପଞ୍ଚାୟତ ନିର୍ବାଚନ ପାଇଁ ଏହାକୁ ପ୍ରସ୍ତୁତି ବୈଠକ ଭାବେ ନିଆଯାଇପାରେ ବୋଲି କହିଥିଲେ। ଜନନାୟକ ଜୟପ୍ରକାଶ ନାଏକଙ୍କ ଜୟନ୍ତୀ ତିଥି ଥିବାରୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବୈଠକ ଆରମ୍ଭ ହୋଇଥିଲା।

## ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**ସୁନ୍ଦରଗଡ଼, ୧୧।୧୦ (ଡି.ଏନ୍.ଏ)**

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ସ୍ଥାନୀୟ ଆସ୍ଥାଗୃହଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ଜିଲା ଜଜ୍ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଦୀପ କୁମାର ମାହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନସିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ ସେମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ଆହ୍ୱାନ ଦେବା ସହ ସେମାନଙ୍କ ମାନସିକ ସୁସ୍ଥତା ପାଇଁ ଆବଶ୍ୟକ ଚିକିତ୍ସା ଓ ପରିବାରରେ ସହାନୁଭୂତି ପ୍ରଦର୍ଶନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସେମାନଙ୍କ ସକାଶେ ଆଇନସେବା ପ୍ରାଧିକରଣ ପକ୍ଷରୁ ଥିବା ବିଭିନ୍ନ ଆଇନଗତ ସହାୟତା ସମ୍ପର୍କରେ ଜିଲା ଜଜ୍ ଆଲୋଚନା କରିଥିଲେ । ଆସ୍ଥା ଗୃହର ସମ୍ପାଦିକା ଆଡଭୋକେଟ ସ୍ନେହଲତା ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର, ଡିଏସପି ଗୁରୁବାରୀ ହେମ୍ବ୍ରମ, ଟାଉନଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ଶୁଭଶ୍ରୀ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସ୍ଥା ଗୃହର ସମସ୍ତ ଅନ୍ତେବାସୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ ।

## ଝାରସୁଗୁଡ଼ା ଟାଉନ କଂଗ୍ରେସ କମିଟିର କର୍ମକର୍ତ୍ତା ଘୋଷଣା

**ଝାରସୁଗୁଡ଼ା ଅଫିସ,୧୧।୧୦:**

ଝାରସୁଗୁଡ଼ା ଟାଉନ କଂଗ୍ରେସ କମିଟି ତରଫରୁ ରବିବାର ସ୍ଥାନୀୟ କାଳୀମନ୍ଦିର ନିକଟ ପାର୍ଟି କାର୍ଯ୍ୟାଳୟରେ ସଭାପତି ସଞ୍ଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପିସିସି ରାଜ୍ୟ ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ଦୁଲାଲ ଚନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ପ୍ରଦୀପ ଦେବତା, ଜିଲା ସଭାପତି ଭରତ ଅବସ୍ଥୀ, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ଜିଲା ଛାତ୍ର କଂଗ୍ରେସ ସଭାପତି ନବନିତ କୌର ସମ୍ମାନିତ ଅତିଥିଭାବେ ଉପସ୍ଥିତଥିଲେ। ଜିଲା ଉପସଭାପତି ସୀୟାରାମ ଦାସ ସଭା ପରିଚାଳନା କରିଥିଲେ। ଟାଉନ କଂଗ୍ରେସ କମିଟି କର୍ମକର୍ତ୍ତାଙ୍କ ନାମ ଟାଉନ ସଭାପତି ମହାପାତ୍ର ଘୋଷଣା କରିଥିଲେ। ଉପସଭାପତି ଜହୁରୁଲ ମୁସ୍ତାଫା ୱାରିସ୍, ତ୍ରିଲୋଚନ ତନସେନା ଓ ଗଙ୍ଗା ନାରାୟଣ ହୋତା, ସାଧାରଣ ସମ୍ପାଦକ ପ୍ରକାଶ କୁମାର ସିଂହଦେଓ, ଶୈଳେଶ ଅବସ୍ଥୀ, ମହମ୍ମଦ ସାମିମ୍ ଉଦ୍ଦିନ୍, ସୋନୁ କୁମାର, ମାରିଆ ଗୁରିଆ ଡୁଙ୍ଗଡୁଙ୍ଗ, ସମ୍ପାଦକ ସଞ୍ଜୟ କୁମାର ପାଉଲ, ସୁନୀତା ସିଂହ, ମହମ୍ମଦ ୱାକିଲ୍, ରତନ ଶ୍ରୀବାସ୍ତବ, ଅର୍ଜ୍ଜୁନ ଧୁରୁଆ, ଅଶୋକ ବନଛୋର, ଦୀନେଶ ଚାନ୍ଦ, କୋଷାଧ୍ୟକ୍ଷ ଅକ୍ଷୟ ନାୟକଙ୍କ ସମେତ ୧୬ଜଣ କାର୍ଯ୍ୟକାରୀ ସଦସ୍ୟ ରହିଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ପୁନଃ ନିଯୁକ୍ତି ଦାବିରେ କର୍ମଚାରୀଙ୍କ ଆନ୍ଦୋଳନ

**ଝାରସୁଗୁଡ଼ା ଅଫିସ,୧୧।୧୦:**


ପୂର୍ବତନ କର୍ମଚାରୀମାନେ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଏମ୍ଏସ୍‌ପି ମେଟାଲିକ୍ସ ପ୍ରକଳ୍ପ**

ଝାରସୁଗୁଡ଼ା ଜିଲା ମରାକୁଟାସ୍ଥିତ ଏମ୍ଏସ୍‌ପି ମେଟାଲିକ୍ସ ପ୍ରକଳ୍ପରେ ପୁନଃ ନିଯୁକ୍ତି ଦାବିରେ ଶତାଧିକ କର୍ମଚାରୀ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ନିବେଦିତା ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଏକକିତା ନକଲ ଜିଲା ଶ୍ରମ କମିଶନର, ବିଧାୟକ, ଏସ୍‌ପି ଓ ୫-ଟି ସଚିବଙ୍କୁ ପ୍ରଦାନ କରିଛନ୍ତି।

ଏଥିରେ ଉଲ୍ଲେଖ ରହିଛି ଏମ୍ଏସ୍‌ପି ମେଟାଲିକ୍ସ ୧୫ବର୍ଷ ତଳେ ମରାକୁଟାରେ ଗଢିଉଠିଥିଲା। ଏହା ସଫଳତାର ସହ ପୂର୍ଣ୍ଣ କ୍ଷମତାରେ ଚାଲିଥିବାବେଳେ କୌଣସି କାରଣ ବଶତଃ ୨୦୧୬ ଫେବୃୟାରୀ ୧୨ରେ ବନ୍ଦ ହୋଇଯାଇଥିଲା। ପ୍ରକଳ୍ପରେ ସେ ସମୟରେ ପ୍ରାୟ ୪ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ବିଭିନ୍ନ କାମରେ ନିୟୋଜିତ ହୋଇଥିବାବେଳେ ସେମାନଙ୍କୁ ଛଟେଇ କରିଦିଆଯାଇଥିଲା। ଛଟେଇ ହୋଇଥିବା କର୍ମଚାରୀ ପୁନଃ ନିଯୁକ୍ତି ଦାବିରେ ଉଚ୍ଚ ନ୍ୟାୟାଳୟ, ଶ୍ରମ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ଏହାର ବିଚାରକରି ଅଦାଲତ ତାଙ୍କ ରାୟରେ ଦର୍ଶାଇଥିଲେ ପ୍ରକଳ୍ପ ପୁନଃ କାର୍ଯ୍ୟକ୍ଷମ ହେଲେ ପୂର୍ବରୁ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଆଗ୍ରାଧିକାର ଦିଆଯିବ। ୨ମାସ ହେଲା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ପୂର୍ବ କର୍ମଚାରୀଙ୍କୁ ଉପେକ୍ଷା କରାଯାଇ ବାହାର କର୍ମଚାରୀଙ୍କୁ ନେଇ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଛି । ଏ ସମ୍ପର୍କରେ ପୂର୍ବତନ କର୍ମଚାରୀଙ୍କ ସହିତ କମ୍ପାନୀ କୌଣସି ଆଲୋଚନା କରିନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ୭ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇ ପ୍ରକଳ୍ପ ବନ୍ଦ କରିଦେବାକୁ ଚେତାବନୀ ଦେଇଛନ୍ତି। ପୂର୍ବତନ କର୍ମଚାରୀ ଦେବାନନ୍ଦ ବାରିକଙ୍କ ନେତୃତ୍ୱରେ କ୍ଷେତ୍ରବାସୀ ମିଶ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ଟିଙ୍କୁ ବଡପଣ୍ଡା, ନନ୍ଦଲାଲ ମିଶ୍ର, ରବୀନ୍ଦ୍ର ନାଥ ବେହେରା ପ୍ରମୁଖ ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ।

# ୫ ଶିକାରୀ ଗିରଫ, ଦେଶୀ ବନ୍ଧୁକ ଜବତ

**ନାକଟିଦେଉଳ,୧୧।୧୦(ଡି.ଏନ.ଏ.):**

ରେଢାଖୋଲ ବନଖଣ୍ଡ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରେ ପଶି ବନ୍ୟଜନ୍ତୁ ଶିକାର କରୁଥିବା ବେଳେ ବନ କର୍ମଚାରୀ ଚଢାଉ କରି ୫ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ଗୋଟିଏ ମଲା ବଣୁଆ ମୂଷା ଜବତ ହୋଇଛି। ଗିରଫ ବ୍ୟକ୍ତିମାନେ ହେଲେ ନାକଟିଦେଉଳ ବନାଞ୍ଚଳ ଶରଧାପୁର ଗ୍ରାମର ମଦନ ସାହୁ, ସୁମନ୍ତ ମାଝି, ଶିମିଳିପାଲ ଗ୍ରାମର ଜିତେନ୍ଦ୍ର ସାହୁ, ନରେନ୍ଦ୍ର ସାହୁ ଓ କାଦୋବାହାଲ ଗ୍ରାମର ଆର୍ସା ଦେହୁରି। ଶିକାରୀମାନେ ରବିବାର ରାତ୍ରିରେ ଖୋଲଗଡ଼ ସଂରକ୍ଷିତ ଜଙ୍ଗଲକୁ ଶିକାର ପାଇଁ ଯାଇଥିଲେ। ଖବର ପାଇ ନାକଟିଦେଉଳ ଫରେଷ୍ଟର ସଞ୍ଜୟ କୁମାର ସାହୁ, ଘୋଷରାମାଳ ଫରେଷ୍ଟର ଠାକୁର ଚନ୍ଦ୍ର ପ୍ରଧାନ, ନାକଟିଦେଉଳ ଫରେଷ୍ଟ ଗାର୍ଡ ରଞ୍ଜନ ନାଏକ, କାଉଁଶୀପାଲ ଫରେଷ୍ଟଗାର୍ଡ଼ ରେବତୀ ପ୍ରଧାନ, କାଦୋବାହାଲ ଫରେଷ୍ଟ ଗାର୍ଡ ରତନୀ ଦେହୁରି, ଘୋଷରାମାଳ ଫରେଷ୍ଟଗାର୍ଡ ସୈରେନ୍ଦ୍ରୀ ସାହୁ ପ୍ରମୁଖ ସୋମବାର ଚଢାଉ କରି ସେମାନଙ୍କୁ ଧରିଥିଲେ। ରେଢାଖୋଲ ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ଓ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢାଉ ହୋଇଥିଲା। ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨/୯ ଧାରା ଅନୁସାରେ ଶିକାରୀମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।


ଗିରଫ ହୋଇଥିବା ଶିକାରୀମାନେ।

# ଡିଇଓଙ୍କ ଅଫିସ ଆଗରେ ବିକ୍ଷୋଭ

ଝାରସୁଗୁଡ଼ା ଅଫିସ,୧୧।୧୦: ପଦୋନ୍ନତି ଦାବିରେ ଝାରସୁଗୁଡ଼ା ଜିଲାର ନୂତନ ପେନ୍‌ସନ୍‌ଭୁକ୍ତ ପ୍ରାଥମିକ ଶିକ୍ଷକମାନେ ସୋମବାର ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ଆଭରେ ବିକ୍ଷୋଭ କରିଥିଲେ। ପରେ ଜିଲା ଶିକ୍ଷାଧିକାରିଣୀ ପୁଷ୍ପା ମିଞ୍ଜଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ (ଓପେପା) ତରଫରୁ ନୂତନ ପେନ୍‌ସନ୍‌ଭୁକ୍ତ ଶିକ୍ଷକଙ୍କ ପଦୋନ୍ନତି ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ରାଜ୍ୟର ୨୯ଜିଲାରେ ଏହା କାର୍ଯ୍ୟକାରୀ ହୋଇଥିବାବେଳେ ଝାରସୁଗୁଡ଼ା ଜିଲା ଏଥିରୁ ବାଦ୍ ପଡ଼ିଛି। ଫଳରେ ଜିଲାର ୩୫୧ଜଣ ନୂତନ ପେନ୍‌ସନ୍‌ଭୁକ୍ତ ଶିକ୍ଷକ ପଦୋନ୍ନତିରୁ ବଞ୍ଚିତ ହୋଇଛନ୍ତି। ଜିଲା ଶିକ୍ଷାଧିକାରୀ ମିଞ୍ଜ କହିଛନ୍ତି, ଅବିଭକ୍ତ ସମ୍ବଲପୁର ଜିଲାରେ ୧୯୯୭ରେ କେସି ଗୁରୁ ଶିକ୍ଷକ ନିଯୁକ୍ତିକୁ ନେଇ ବିବାଦ ଦେଖାଦେଇଥିଲା। ସମ୍ପୃକ୍ତ ଶିକ୍ଷକମାନେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏଥିରେ ଝାରସୁଗୁଡ଼ା ଜିଲାର ୨ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ସାମିଲ ହୋଇଥିଲେ। ଏଥିରୁ ୩୮ ଶିକ୍ଷକ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହି ଶିକ୍ଷକଙ୍କ ପଦୋନ୍ନତି ହୋଇଥିବାବେଳେ ନ୍ୟାୟାଳୟରେ ମାମଲା ରହିଥିବାରୁ ଏମାନଙ୍କ ପଦୋନ୍ନତିକୁ ସ୍ଥଗିତ ରଖାଯିବା ଫଳରେ ଜିଲାର ସମସ୍ତ ଶିକ୍ଷକଙ୍କ ପଦୋନ୍ନତି ଅଟକି ରହିଛି। ଆସନ୍ତା ୧୬ରେ ସମ୍ପୃକ୍ତ ଶିକ୍ଷକମାନଙ୍କୁ ନେଇ ଆଲୋଚନା କରାଯିବ। ନ୍ୟାୟାଳୟରୁ ମାମଲା ପ୍ରତ୍ୟାହାର ନ କଲେ ସମ୍ପୃକ୍ତ ୩୮ଜଣ ଶିକ୍ଷକଙ୍କୁ ପଦୋନ୍ନତି ତାଲିକାରୁ ବାଦ୍ ଦିଆଯାଇ ବାକି ଶିକ୍ଷକଙ୍କ ପଦୋନ୍ନତି ଦିଆଯିବ। ଶିକ୍ଷକ ଅଶୋକ କୁମାର ସାହୁ, ସୁରେଶ ଚନ୍ଦ୍ର ପ୍ରଧାନ, ଚୂଳଦେବ ସା, ମୀନକେତନ ଦାସ, ରମେଶ ସାହୁ, ଅମୂଲ୍ୟ ମଲ୍ଲିକ, ପ୍ରମୁଖ ସାମିଲ ହୋଇଥିଲେ।

# ଜିଲା ପ୍ରଶାସନକୁ ଭେଟିଲା ଜନଶକ୍ତି ବିକାଶ ପରିଷଦ

## ବାଙ୍କିବାହାଲ-ଟପରିଆ ରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା ପାଇଁ ଜନଶୁଣାଣି ଦାବି

**ସୁନ୍ଦରଗଡ଼,୧୧।୧୦ (ଡି.ଏନ୍.ଏ.):**

ସୁନ୍ଦରଗଡ଼ ଜିଲା ହେମଗିର ବାଙ୍କିବାହାଲ -ଟପରିଆ ରାସ୍ତାରେ ଖଣିଜ ଦ୍ରବ୍ୟ ପରିବହନ ଓ ଭାରିଯାନ ଚଳାଚଳ ଉପରେ କଟକଣା ଦାବି ନେଇ ସୋମବାର ଜନଶକ୍ତି ବିକାଶ ପରିଷଦର ଏକ ପ୍ରତିନିଧି ଦଳ ଜିଲା ପ୍ରଶାସନକୁ ଭେଟିଛନ୍ତି। ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ ଅନୁପସ୍ଥିତିରେ ସେମାନେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ରରେ ଦର୍ଶାଯାଇଛି, ଗତ ତା୧୭।୩।୨୦୨୧ରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଙ୍କିବାହାଲ-ଟପରିଆ ରାସ୍ତାରେ ପ୍ରଭାବିତ ସମସ୍ତ ପକ୍ଷମାନଙ୍କୁ ନେଇ ଜିଲା ପ୍ରଶାସନ ବୈଠକ କରିଥିଲା। ଏଥିରେ ଅଞ୍ଚଳବାସୀଙ୍କ ଜୀବନଜୀବିକା ଓ ପରିବେଶ ଯେପରି କମ୍ ପ୍ରଭାବିତ ହେବ ସେଥିପାଇଁ କେତେଗୁଡିଏ ସର୍ତ୍ତ ସହ ଖଣିଜଦ୍ରବ୍ୟ ପରିବହନ ପାଇଁ ଅନୁମତି ଦିଆଯାଇଥିଲା। ନିର୍ଦ୍ଦେଶନାମା ଅନୁପାଳନରେ ଟ୍ରାନ୍ସପୋର୍ଟର ଅବହେଳା କଲେ କଟକଣା ସମୟ ବୃଦ୍ଧି କରାଯିବ ବୋଲି ଜିଲା ପ୍ରଶାସନ ମୌଖିକ ପ୍ରତିଶ୍ରୁତି ଦେଇଥିଲେ। ଟ୍ରାନ୍ସପୋର୍ଟରମାନେ କଟକଣା ଲାଗୁ ହେବା ଦିନଠାରୁ ଲଗାତର ନୋଟିଫିକେଶନର ଉଲ୍ଲଂଘନ କରିବାରୁ ଗତ ୧୩।୪।୨୦୨୧, ୨୦।୪।୨୦୨୧ ଓ ୮।୬।୨୦୨୧ରିଖରେ ଅଞ୍ଚଳବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଜିଲା ପ୍ରଶାସନ ଏହା ଉପରେ ବିଚାର ନ କରି କିଛି ଟ୍ରାନ୍ସପୋର୍ଟରଙ୍କ ଏକ ପିଟିସନ ଆଧାରରେ ଗାଡ଼ି ଚଳାଚଳ କଟକଣା ସମୟ ୭ଘଣ୍ଟାରୁ ସାଢେ ୩ ଘଣ୍ଟା କୋହଳ କରିଦେଲେ। ଫଳରେ ଜରୁରିକାଳୀନ ଗମନାଗମନ, ସ୍ୱାସ୍ଥ୍ୟସେବା ଓ ଜୀବନଜୀବିକା ପ୍ରଭାବିତ ହେବା ସହ ପ୍ରଦୂଷଣ ବୃଦ୍ଧି ପାଉଛି। ଏଣୁ ଜନଶୁଣାଣି ବ୍ୟବସ୍ଥା କରାଯାଇ ୧୫ ଦିନ ପୂର୍ବରୁ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଅବଗତ କରାଯିବା, ଜନଶୁଣାଣି ହେବା ପର୍ଯ୍ୟନ୍ତ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖଣିଜ ପରିବହନ ବନ୍ଦ ରଖାଯିବା, ନୋଟିଫିକେଶନ ନଂ୪୯୨ ତା୨୪।୬।୨୦୨୧ରେ ଦିଆଯାଇଥିବା ସର୍ତ୍ତ ପାଳନ କରାଯିବା ନିମନ୍ତେ ଦାବି କରାଯାଇଛି। ଜନଶକ୍ତି ବିକାଶ ପରିଷଦ ସଭାପତି ବୀରେନ୍ଦ୍ର ପ୍ରଧାନ, କର୍ମକର୍ତ୍ତା ରାଜେନ୍ଦ୍ର କୁମାର ନାଏକ, ନରେଶ ମେହେର, ପଦ୍ମଲୋଚନ ପ୍ରଧାନ, ଶୁକଦେବ ପ୍ରଧାନ, ବଂଶୀଧର କଉଡି, ଜ୍ୟୋତି ବାଗ, ପୁରୁଷୋତ୍ତମ ପ୍ରଧାନ ପ୍ରତିନିଧି ଦଳରେ ସାମିଲ ଥିଲେ।

## ଡିଆର୍ଏମ୍ କପ ମହିଳା କବାଡ଼ି ଟୁର୍ନାମେଣ୍ଟ

# ପୂର୍ବତଟ ରେଳପଥ କ୍ରୀଡା ଦଳ ଚାମ୍ପିୟନ

**ସମ୍ବଲପୁର,୧୧।୧୦(ବ୍ୟୁରୋ):**

ପୂର୍ବତଟ ରେଳପଥ ସମ୍ବଲପୁର କ୍ରୀଡା ସଙ୍ଗଠନ ପକ୍ଷରୁ ପ୍ରଥମ ଡିଆର୍ଏମ୍ କପ ମହିଳା ଆମନ୍ତ୍ରିତ ଦିନିକିଆ କବାଡ଼ି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ରେଳବାଇ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ପୂର୍ବତଟ ରେଳ ପଥ କ୍ରୀଡା ଦଳ ଓ ରାଉରକେଲା ମଧ୍ୟରେ ହୋଇଥିଲା । ଏଥିରେ କ୍ରୀଡା ଦଳ ୨୩-୧୩ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ଟୁର୍ନାମେଣ୍ଟରେ ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଦେବଗଡ଼, ସୁନ୍ଦରଗଡ଼, ନୂଆପଡ଼ା, ରାଉରକେଲା ଓ ପୂର୍ବତଟ ରେଳପଥ କ୍ରୀଡା ଦଳ ଭାଗ ନେଇଥିଲେ। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଙ୍ଗଠନ ସମ୍ବଲପୁର ଶାଖା ଅଧ୍ୟକ୍ଷା ଈଷା ମଲ୍ଲିକ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ, ସମ୍ବଲପୁର ଜିଲା କ୍ରୀଡା ସଂଘ କବାଡି ସମ୍ପାଦକ ପ୍ରଶାନ୍ତ କୁମାର ସେଟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କ୍ରୀଡା ଅଧିକାରୀ ଡ. ମନୋଜ କୁମାର ବେହେରା, ସହାୟକ କ୍ରୀଡା ଅଧିକାରୀ ଅନୁପ ଗୋରିଙ୍କା, କ୍ରୀଡା ସଚିବ ରଞ୍ଜନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

**ବଡ଼ଗାଁ, ୧୧।୧୦(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଝଣ୍ଟେଲବୁଢ଼ଛକଠାରେ ସୋମବାର ଅଢେଇଟାବେଳେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ୨ ଯୁବକ ଆହତ ହୋଇଛନ୍ତି। ମୃତକ ହେଲେ ଟାଙ୍ଗରଗାଁର ମଣ୍ଟୁ ସାହୁ (୨୩)। ଗଡ଼ପୋଷ ଗ୍ରାମର ସୁମନ୍ତ ରଣା ପାମରା ଗ୍ରାମର ଭଉଣୀ ଘରକୁ ବାଇକ୍‌ରେ ଯାଉଥିବାବେଳେ ସମ୍ମୁଖପଟୁ ବାଇକ୍‌ରେ ଆସୁଥିବା ଟାଙ୍ଗରଗାଁର ମଣ୍ଟୁ ସହିତ ଧକ୍କା ହୋଇଥିଲା। ମଣ୍ଟୁଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ବାଇକ୍‌ରେ ବସିଥିବା ରୂପେଶ ପ୍ରଧାନ (୨୨) ଓ ସୁମନ୍ତ ଆହତ ହୋଇଛନ୍ତି।

# ପୁରାତନ ଛାତ୍ର ସଂସଦ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଦେବଗଡ଼,୧୧।୧୦(ଡି.ଏନ.ଏ)**

ଦେବଗଡ କଲେଜରେ ସ୍ନାତକୋତ୍ତର (ପିଜି) ଶ୍ରେଣୀ ଖୋଲିଛି। ଏହି ଶ୍ରେଣୀ ଖୋଲିବା ପଛରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁଙ୍କ ଭୂମିକା ରହିଥିବାରୁ ଦେବଗଡ କଲେଜ ପୁରାତନ ଛାତ୍ର ସଂସଦ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପୁରାତନ ଛାତ୍ର ସଂସଦର ସଭାପତି ଉମାଶଙ୍କର ସାହୁ, ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଗୁରୁ, ଉପସଭାପତି ମନୋଜ କୁମାର ପାଢୀ, ଶଶାଙ୍କ ଶେଖର ଝାଙ୍କର, ପ୍ରିତି ପରିମିତା ବେହେରା ଓ କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ସୁଧିର କୁମାର କପରଦାର ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## କୋଭିଡ୍‌ରେ ମୃତ ଖବରଦାତାଙ୍କ ପରିବାରକୁ ସରକାରୀ ସହାୟତା

**ଝାରସୁଗୁଡ଼ା ଅଫିସ,୧୧।୧୦:**

ଝାରସୁଗୁଡ଼ା ଜିଲାରେ କୋଭିଡ୍‌ରେ ଦୁଇ କରୋନା ଯୋଦ୍ଧା ଖବରଦାତା ଅମଜଦ୍ ବାଦଶାହା ଓ ଆଦିତ୍ୟ ସାହୁଙ୍କ ମୃତ୍ୟୁ ଘଟିଥିଲା। ସରକାରଙ୍କ ଘୋଷଣା ଅନୁଯାୟୀ ଉଭୟ ଖବରଦାତାଙ୍କ ପରିବାରକୁ ଆର୍ଥିକ ସହାୟତା ୧୫ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏହି ସହାୟତା ରାଶିକୁ ଜିଲାପାଳ ସରୋଜ କୁମାର ସାମଲ ସ୍ୱର୍ଗତ ଖବରଦାତା ଅମଜଦ୍‌ଙ୍କ ସ୍ତ୍ରୀ ସୋଫିଆ ନାଜ୍ ଓ ଆଦିତ୍ୟଙ୍କ ସ୍ତ୍ରୀ ଜୟଶ୍ରୀ ସାହୁଙ୍କୁ ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ଯୋଗେନ୍ଦ୍ର ମାଝି, ଡେପୁଟି କଲେକ୍ଟର ଗୋବିନ୍ଦ ତନସେନା ଉପସ୍ଥିତ ଥିଲେ।

## ପୂଜା ପାଇଁ ଆରଏମ୍‌ସିର କଟକଣା

**ରାଉରକେଲା ଅଫିସ, ୧୧।୧୦**

ରାଉରକେଲା ସହରରେ ଦୁର୍ଗାପୂଜା ସମୟରେ କୋଭିଡ ଗାଇଡଲାଇନ୍ ପାଳନ କରାଯିବ। ଭସାଣି, ଧାର୍ମିକ ଶୋଭାଯାତ୍ରା, ଡାଣ୍ଡିଆ ନାଇଟ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ କଟକଣା ଲାଗୁ କରାଯାଇଛି। ଏ ନେଇ ରାଉରକେଲା ମହାନଗର ନିଗମ ପକ୍ଷରୁ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। କୋଭିଡ ମହାମାରୀକୁ ଦୃଷ୍ଟିରେ ରଖି ଏହି ନିୟମ ଲାଗୁ କରାଯାଇଥିବାରୁ ସମସ୍ତ ଜନସାଧାରଣ, ପୂଜା କମିଟି କର୍ମକର୍ତ୍ତା ଏଥିରେ ସହଯୋଗ କରିବାକୁ ନିଗମ ପକ୍ଷରୁ କୁହାଯାଇଛି। ପୂଜା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡା ଜନସାଧାରଣଙ୍କୁ ଅପିଲ କରିଛନ୍ତି।